## ସଂକ୍ଷେପରେ

### ବେଆଇନ ବାଲିଚାଲାଣ: ହାଇୱା ଡ୍ରାଇଭର ଗିରଫ

ଭୁବନେଶ୍ୱର,୮।୨(ବ୍ୟୁରୋ): ବାଲି ଚୋରା ଚାଲାଣ ଅଭିଯୋଗରେ ସୋମବାର ବିଳମ୍ବିତ ରାତିରେ ଚନ୍ଦକା ପୋଲିସ ଜଣେ ହାଇୱା ଡ୍ରାଇଭରଙ୍କୁ ଗିରଫ କରିଛି। ଏଥିସହ ବାଲି ବୋଝେଇ ହାଇୱାକୁ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ରିଙ୍କୁ ସାହୁ(୨୮)। ମିଳିଥିବା ସୂଚନା ଅନୁଯାୟୀ, ରାଜଧାନୀ ଉପକଣ୍ଠ ପଥରଗଡ଼ିଆ ଅଞ୍ଚଳରେ ବ୍ୟାପକ ବେଆଇନ ବାଲିଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ସୋମବାର ବିଳମ୍ବିତ ରାତ୍ରିରେ ପଥରଗାଡ଼ିଆ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ବାଲି ବୋଝେଇ ହାଇୱା (ଓଡିଶା-ଏ-୮୬୬୫)କୁ ଅଟକାଇ କାଗଜପତ୍ର ମାଗିଥିଲେ। ହେଲେ ଏହାର ଡ୍ରାଇଭର ରିଙ୍କୁ ବାଲି ଚାଲାଣ ସମ୍ପର୍କିତ କୌଣସି ବୈଧ କାଗଜ ଦେଖାଇ ନ ପାରିବାରୁ ତାଙ୍କୁ ପୋଲିସ ଗିରଫ କରିବା ସହ ହାଇୱାକୁ ଜବତ କରିଥିଲା।

### ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

ବାଲିପାଟଣା,୮।୨(ଡି.ଏନ୍.ଏ.): ବାଲିପାଟଣା ଥାନା ଅପୂଜା ନିକଟ ଅରିଲୋ ନିତ୍ୟଧାମ ଆଶ୍ରମରେ ତିନିଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ଯଜ୍ଞର ସୋମବାର ପୂର୍ଣ୍ଣାହୁତି ହୋଇଯାଇଛି। ଆଶ୍ରମର ପ୍ରତିଷ୍ଠାତା ସଦ୍‌ଗୁରୁ ଚଗଲା ଠାକୁରଙ୍କ ନେତୃତ୍ୱରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ଶ୍ରୀପଞ୍ଚମୀରୁ ଆରମ୍ଭ ହୋଇଥିବା ଏହି ଯଜ୍ଞରେ ପ୍ରତ୍ୟେକ ଦିନ ସକାଳେ ମଙ୍ଗଳ ଆଳତି, ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାର, ଆହୁତି ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଭିନ୍ନ ଆଶ୍ରମର ସାଧୁସନ୍ଥ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ଯୋଗଦେଇଥିବା ବେଳେ ଆଶ୍ରମର ମାନସ ବାବା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜିଲା ପରିଷଦ ପ୍ରାର୍ଥୀ ସୁବାସ ସୁନ୍ଦରାୟଙ୍କ ପ୍ରଚାର

ପୁରୁଣା ଭୁବନେଶ୍ୱର,୮।୨(ଡି.ଏନ୍.ଏ.): ସ୍ଥାନୀୟ ଇଟିପୁର ପଞ୍ଚାୟତର କୁକୁଡ଼ାଘାଇ ପାଟଣାରୁ ମଙ୍ଗଳବାର ବିଜୁ ଜନତା ଦଳର ୨୯ ନମ୍ବର ଜିଲା ପରିଷଦ ପ୍ରାର୍ଥୀ ସୁବାସ ସୁନ୍ଦରାୟ ପ୍ରଚାର ଆରମ୍ଭ କରିଛନ୍ତି। ଶତାଧିକ ଦଳୀୟ କର୍ମୀଙ୍କ ସହ ନେତା ଓ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ଏହି ପ୍ରଚାରକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶୁଭାରମ୍ଭ କରିଥିଲେ। ପ୍ରଚାରରେ ଓଡ଼ିଶା ଚଳଚ୍ଚିତ୍ର ନିଗମ ଅଧକ୍ଷ ତଥା ଅଭିନେତା କୁନା ତ୍ରିପାଠୀ, ଜିଲା ବିଜେଡି ସଭାନେତ୍ରୀ ବଜୟା ଲକ୍ଷ୍ମୀ ମହାପାତ୍ର, ସମରେଶ ବେଉରିଆ, ଜିଲା ପରିଷଦ ପ୍ରାର୍ଥୀ ତଥା ପୂର୍ବତନ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ଅକ୍ଷୟ ବରାଳ, ମହାମାୟା ସ୍ୱାଇଁ, ରୁନୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ତାରିଣୀ ମା'ଙ୍କ ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର,୮।୨: ଚଳିତ ମାଘ ସପ୍ତମୀ ଅବସରରେ ୱାର୍ଡ ନଂ. ୩୬ ଭୌମନଗରସ୍ଥିତ କର କ୍ଲିନିକ ପରିସରରେ ଥିବା ବାଟ ତାରିଣୀ ମା'ଙ୍କ ଦ୍ୱାଦଶ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଶୁକ୍ଳ ପକ୍ଷ ମାଘ ସପ୍ତମୀ ସକାଳ ୭ ଘଟିକାରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ମା'ଙ୍କ ସମସ୍ତ ପୂଜାର୍ଚ୍ଚନା ବୈଦିକ ରୀତିନୀତି ଅନୁସାରେ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମନ୍ଦିର କମିଟି ପକ୍ଷରୁ କୋଭିଡ୍ କଟକଣା ମଧରେ ମହାମାରୀର ପ୍ରକୋପରୁ ସଂସାର ପାଇଁ ଏକ ଯଜ୍ଞର ଆୟୋଜନ କରାଯାଇଥିଲା। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ଡା. ସିଦ୍ଧାନ୍ତ କର, ଡା. ସୁଜାତା କର, ଡା. ନିରୋଜ ମିଶ୍ର, ଡା. ସନ୍ତୋଷ ନନ୍ଦ, ଡା. ଆର୍.ଏନ୍.ମହାନ୍ତି, ଡା. ଡି.ଆର୍. ପତି ପ୍ରମୁଖ ଯୋଗଦେଇଥିଲେ। ତାରିଣୀ ମନ୍ଦିରର ପ୍ରତିଷ୍ଠାତା ସାମାଜିକ କର୍ମୀ ଭାଗୀରଥି ପଣ୍ଡାଙ୍କ ପୌରୋହିତ୍ୟରେ ପୂଜା କାର୍ଯ୍ୟ ଧାର୍ଯ୍ୟସୂଚୀ ଅନୁସାରେ ସମାପନ ହୋଇଥିଲା। ମନ୍ଦିର କମିଟିର ମୁଖ୍ୟ ତଥା କର କ୍ଲିନିକର ବରିଷ୍ଠ ପ୍ରଶାସକ ସନ୍ତୋଷ ବଳଙ୍କ ଅଧକ୍ଷତାରେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ କରାଯାଇଥିଲା। ଏହି ଅବସରରେ କମିଟିର ବରିଷ୍ଠ ସଦସ୍ୟ ଯଯାତି ପାତ୍ର, ନାରୀନେତ୍ରୀ ଅଲିଅଳି ମଲ୍ଲିକଙ୍କ ସମେତ ବହୁ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁରାଣ କଥା କହେ ବିରାଟ ଗାଦି



ଚୌଦ୍ୱାର ଅଞ୍ଚଳରେ ଥିବା ବଧି ପାର୍କ



ଜୈନ ଧର୍ମାବଲମ୍ବୀମାନଙ୍କ ଦ୍ୱାରା ନିର୍ମିତ ଗୁମ୍ଫା।

**କିପରି ଯିବେ**

କଟକରୁ ବିରାଟ ଗାଦିର ଦୂରତା ୧୬ କି.ମି.। ସେଠାକୁ ଯିବାକୁ ହେଲେ କଟକରୁ ଚାରବାଟିଆ ବସ୍ ବ୍ୟବସ୍ଥା ରହିଛି। ଚାରବାଟିଆ ପୂର୍ବରୁ ଓଟିଏମ୍ ଛକ କିମ୍ବା ଚୌଦ୍ୱାର ମଣ୍ଡଳ କାରାଗାର ନିକଟରୁ ଅଟୋ ଅଥବା ଚାଲି ଚାଲି ଉକ୍ତ ସ୍ଥାନକୁ ଯାଇପାରିବେ।

**ନିକଟବର୍ତ୍ତୀ ସ୍ଥାନ**

ବିରାଟ ଗାଦି ନିକଟରେ ଅନେକ ସ୍ଥାନ ରହିଛି। ଏଠାରୁ ୨ କି.ମି. ଦୂରରେ ବୈଦେଶ୍ୱର ମନ୍ଦିର, ୨.୪ କି.ମି. ଦୂରରେ ବୁଢ଼ାଲିଙ୍ଗ ମନ୍ଦିର, ୧୪ କିମି ଦୂରରେ ଡମଡମଣିପୀଠ ଓ ୨୨ କି.ମି. ଦୂରରେ ପଞ୍ଚୁପାଣ୍ଡବ ମନ୍ଦିର ରହିଛି।

କଟକ ଅଫିସ, ୮।୨

ପ୍ରାଚୀନ ଇତିହାସ ସହ ଜଡିତ ହୋଇ ରହିଛି କଟକ ଜିଲାରେ ଅନେକ ସ୍ଥାନ। ସେଥିମଧ୍ୟରେ କଟକ ଜିଲା ଚୌଦ୍ୱାର ଅଞ୍ଚଳର ବିରାଟ ଗାଦି(ବଧି ପାର୍କ) ଅନ୍ୟତମ। ଏଠାରେ ହିନ୍ଦୁ, ବୌଦ୍ଧ ଓ ଜୈନ ଧର୍ମର ଅନେକ କୀର୍ତ୍ତିରାଜି ରହିଛି। କିମ୍ବଦନ୍ତୀ ଅନୁଯାୟୀ, ବିରାଟ ରାଜାଙ୍କ ରାଜଧାନୀ ଥିଲା ବିରାଟ-କଟକ (ଏବେକାର ଚୌଦ୍ୱାର)। ସେଠାରେ ଏକ ବିରାଟ ଗାଦି ରହିଥିଲା। ପଞ୍ଚୁପାଣ୍ଡବ ଅଜ୍ଞାତବାସ ସମୟରେ ଏହିଠାରେ ଅବସ୍ଥାନ କରିଥିଲେ।

୨୦୦୩ ମସିହାରେ ଚୌଦ୍ୱାର ଅଞ୍ଚଳରେ ଥିବା ଐତିହାସିକ

**ଜୈନ ଧର୍ମାବଲମ୍ବୀ ନିର୍ମାଣ କରିଥିଲେ ୩ ଗୁମ୍ଫା**

କୀର୍ତ୍ତିରାଜିର ସନ୍ଧାନ ନିମନ୍ତେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ପକ୍ଷରୁ ଖନନ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଖନନ ବେଳେ ବୌଦ୍ଧ ସ୍ତୁପ ଦେଖିବାକୁ ମିଳିଥିଲା। ଚୌଦ୍ୱାର ସର୍କଲ ଜେଲ ନିକଟ ଅଞ୍ଚଳକୁ ଏଏସ୍‌ଆଇ ପକ୍ଷରୁ ସଂରକ୍ଷିତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ୫୪ ଏକର ଜମିରେ ବିସ୍ତୃତ ବିରାଟ ଗାଦିକୁ ସଂରକ୍ଷିତ ଅଞ୍ଚଳ ଭାବେ ଘୋଷଣା କରାଯାଇଥିବାବେଳେ ସେଥିମଧ୍ୟରୁ ପ୍ରାୟ ୧୦ ଏକର ଜମିରେ ତାରବାଡ଼ ଘେରାଯାଇଛି। ୨୦୦୭ରେ ଏହାର ଖନନବେଳେ ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ଦେଉଳର ଅବଶେଷ ଦେଖିବାକୁ ମିଳିଥିଲା। ଏହାର ଆକୃତି ଦେଉଳର ଜଗମୋହନ (ନାଟ୍ୟ ମନ୍ଦିର) ଭଳି ପ୍ରତୀୟମାନ ହେଉଥିଲା। ତେବେ ଏହି ସ୍ଥାନ ଖନନ ସମୟରେ ଅନେକ ବୌଦ୍ଧ ପ୍ରତିମୂର୍ତ୍ତି ମିଳିଥିବାରୁ ଏହାକୁ ବଧି ପାର୍କ ମଧ୍ୟ କୁହାଯାଏ। ବିରାଟ ଗାଦି ସମ୍ମୁଖ ଭାଗ ଦେଢ କି.ମି. ମଧ୍ୟରେ ୩ଟି ଗୁମ୍ଫା ରହିଛି, ଯାହା ଜୈନ ଧର୍ମାବଲମ୍ବୀମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଗୁମ୍ଫାରେ ବୌଦ୍ଧ ଧର୍ମାବଲମ୍ବୀମାନେ ରହୁଥିଲେ ବୋଲି କୁହାଯାଏ।



"ଦ୍ୱାପରଯୁଗରୁ ଏହି ସ୍ଥାନ ରହିଥିବା ପୌରାଣିକ କିମ୍ବଦନ୍ତୀ ରହିଛି। ଏହି ଅଞ୍ଚଳ ମତ୍ସ୍ୟଦେଶ ରାଜା ବିରାଟଙ୍କ ଗଡ଼ ଥିଲା। ଅପରପକ୍ଷେ ଏଏସ୍‌ଆଇ ରେକର୍ଡରେ ଏହାକୁ ବୌଦ୍ଧ ପୀଠ ବୋଲି ଦର୍ଶାଯାଇଛି। ତେବେ ଏହା ପଛରେ ପ୍ରକୃତ ସତ୍ୟାତା କ'ଣ ରହିଛି ସେ ବିଷୟରେ ଠିକ ଭାବରେ କାହାକୁ ଜଣାନାହିଁ।

**ରତ୍ନାକର ବାରିକ, ଦାୟିତ୍ୱରେ ଥିବା କର୍ମଚାରୀ**



"ମହାଭାରତ ସହିତ ଏହି ସ୍ଥାନର ସମ୍ପୃକ୍ତି ରହିଛି। ଏହାର ଆଖପାଖରେ ଅନେକ ଐତିହାସିକ ସ୍ଥାନ ରହିଛି। ଏହି ବିରାଟ ଗାଦି ସହ ଜଡିତ ରହିଛି ଏକ ଶିବ ମନ୍ଦିର। ଉକ୍ତ ମନ୍ଦିର ଦ୍ୱାପରଯୁଗର ବୋଲି ବିଶ୍ୱାସ ରହିଛି।

**ବିଜୟ କୁମାର ସାହୁ, ସ୍ଥାନୀୟ ବାସିନ୍ଦା**



"ବହୁ ଓଡ଼ିଆ ଐତିହାସିକ ଚୌଦ୍ୱାର ଅଞ୍ଚଳର ବୌଦ୍ଧ କୀର୍ତ୍ତିରାଜି ବିଷୟରେ ଲେଖିଛନ୍ତି। ବିରାଟଗାଦି ସ୍ଥାନ ହେଉଛି ଏକ ପ୍ରାଚୀନ ବୌଦ୍ଧପୀଠ। ଏହା ନିକଟରେ ପ୍ରାଚୀନ ମଠର ଅଂଶବିଶେଷ ରହିଛି। ଅନେକ ବୌଦ୍ଧ ମୂର୍ତ୍ତି ଆଖପାଖରେ ଗ୍ରାମରେ ସ୍ଥାପନ କରି ପୂଜା କରାଯାଉଛି।

**ଅନିଲ ଧୀର, ଗବେଷକ**

# ୧୫୫ ମାମଲାରେ ୧୭୦ ଗିରଫ

**୨୦ ଦିନରେ ୪୮୦୦ ଲିଟର ମଦ ଜବତ**

ଭୁବନେଶ୍ୱର,୮।୨(ବ୍ୟୁରୋ)

ରାଜଧାନୀରେ ଦିନକୁ ଦିନ ଚୋରା ମଦ କାରବାର ବଢ଼ିବାରେ ଲାଗିଛି। ପୋଲିସ ଏବଂ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ାଉ କରୁଥିଲେ ମଧ ଚୋରା ମଦ କାରବାର ରୋକାଯାଇ ପାରୁନାହିଁ। ନେଉନାହିଁ। ବିଶେଷକରି ବସ୍ତି ଅଞ୍ଚଳରେ ଚୋରା ମଦ କାରବାର ବଢୁଥିବା ଦେଖିବାକୁ ମିଳୁଛି। ତେବେ ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ହେବା ପରେ କମିଶନରେଟ ପୋଲିସର ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ପକ୍ଷରୁ ଚୋରା ମଦ କାରବାର ବିରୋଧରେ ସ୍ୱତନ୍ତ୍ର ଅଭିଯାନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଗତ ଜାନୁଆରୀ ୧୮ ତାରିଖରୁ ଏଯାବତ୍ ୟୁପିଡି ପୋଲିସ ୪ ହଜାର ୮୦୦ ଲିଟର ମଦ ଜବତ କରିଛି। ଚୋରା ମଦଜନିତ ୧୫୫ଟି ମାମଲାରେ ୧୭୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏନେଇ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ତ୍ରିଦିବସୀୟ ଭାଇଜୀ ସ୍ମୃତି ସମାରୋହ

ଭୁବନେଶ୍ୱର,୮।୨(ବ୍ୟୁରୋ)

ଗାନ୍ଧୀବାଦୀ, ସ୍ୱାଧୀନତା ସଂଗ୍ରାମୀ, ଜାତୀୟ ଭ୍ରାତା, ଚମ୍ବଲ ଗାନ୍ଧୀ ଓ ଜାତୀୟ ଯୁବ ପ୍ରକଳ୍ପର ପ୍ରତିଷ୍ଠାତା ଡ.ଏସ୍.ଏନ୍. ସୁବାରାଓଙ୍କ ୯୪ତମ ଜନ୍ମବାର୍ଷିକ ଉପଲକ୍ଷେ ଫେବୃୟାରୀ ୬ଠାରୁ ୮ତାରିଖ ଯାଏ ମଧ୍ୟପ୍ରଦେଶର ଜୌରାରେ ମହାତ୍ମା ଗାନ୍ଧୀ ସେବାଆଶ୍ରମ ପରିସରରେ ଭାଇଜୀ ସ୍ମୃତି ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସଭାରେ ସର୍ବସେବା ସଂଘର ଅଧକ୍ଷ ଚନ୍ଦନ ପାଲଙ୍କ ଅଧକ୍ଷତାରେ ମହାତ୍ମା ଗାନ୍ଧୀ ସେବାଶ୍ରମର ଅଧ୍ୟକ୍ଷ ପି.ଭି. ରାଜଗୋପାଳନ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ପରେ ଜାତୀୟ ଯୁବ ପ୍ରକଳ୍ପର ଅନ୍ୟତମ ଟ୍ରଷ୍ଟି ମଧୁସୂଦନ ଦାସଙ୍କ କଣ୍ଠରୁ ନିସୃତ ୧୮ଟି ଭାଷାର ବହୁଭାଷୀ କାର୍ଯ୍ୟକ୍ରମ ତଥା ଭାଇଜୀଙ୍କ ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ 'ଭାରତ କି ସନ୍ତାନ' ପରିବେଷଣ ହୋଇଥିଲା। ଭାଇଜୀଙ୍କ ଦ୍ୱାରା ଚମ୍ବଲ ଦସ୍ୟୁମାନଙ୍କ ସମର୍ପଣର ୫୦ବର୍ଷ ପୂର୍ତ୍ତି ଅବସରରେ ଏକ ସର୍ବୋଦୟ ସମ୍ମେଳନ ଆୟୋଜନ ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଫେବୃୟାରୀ ୭ତାରିଖ ଦିନ ସାରା ଭାରତରୁ ଆସିଥିବା ଭାଇଜୀ ଆଦର୍ଶବାଦୀ ତଥା ଜାତୀୟ ଯୁବ ପ୍ରକଳ୍ପର ସଦସ୍ୟ/ସଦସ୍ୟାମାନେ ଆଣିଥିବା ରାଜ୍ୟର ମାଟିକୁ ସମାଧିପୀଠରେ ରଖିବା ପରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ମଧୁସୂଦନ ଦାସ, ପ୍ରଚଣ୍ଡ ଜୟସ୍ୱାଲ, ବିନାୟକ ଆଚାର୍ଯ୍ୟ ଓ ସୋମ୍ ପ୍ରମୁଖ ଯୋଗଦେଇଥିଲେ।



ପୁରୁଣା ଭୁବନେଶ୍ୱର କୁକୁଡ଼ାଘାଇ ପାଟଣାରୁ ମଙ୍ଗଳବାର ବିଜେଡି ପ୍ରାର୍ଥୀଙ୍କ ପାଇଁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରଚାର କରୁଛନ୍ତି।

# ସଙ୍ଗୀତରେ ଲତା ମଙ୍ଗେସ୍କରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୮।୨(ବ୍ୟୁରୋ)

ସ୍ୱର ସମ୍ରାଜ୍ଞୀ ଲତା ମଙ୍ଗେସକରଙ୍କୁ ମିଉଜି ସିଜର୍ସ ପକ୍ଷରୁ ମଙ୍ଗଳବାର ଭର୍ଚୁଆଲ ଲାଇଭ୍ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗାୟିକା ଲୋଭା ବିଶ୍ୱାଳ, ସୀମା ମହାନ୍ତି, ଅରନିମା, ଶର୍ମିଳା, ସ୍ୱପ୍ନା, ସୀମା ଚକ୍ରବର୍ତ୍ତୀ ଯୋଗଦେଇ ଲତା ମଙ୍ଗେସକରଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ଲୋଭାଙ୍କ କଣ୍ଠରୁ 'ଆୟେଗା ଆନେୱାଲା' ସଙ୍ଗୀତ ଆରମ୍ଭ ହୋଇ ପରେ ଶର୍ମିଳାଙ୍କ କଣ୍ଠରୁ 'ତୁମ୍ ମୁଝେ ୟୁ ଭୁଲ ନା ପାଓଗେ' ଆଦି ଗୀତଗୁଡ଼ିକୁ ମଞ୍ଚରେ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀମାନେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ମିଉଜି ସିଜର୍ସ ଅନୁଷ୍ଠାନର ଅଧକ୍ଷ କୁମାର ଗୌରବ ପଣ୍ଡା, ପ୍ରସନ କୁମାର ସାହୁ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନ କରିଥିଲେ।

# ଦୁର୍ଦ୍ଦାନ୍ତ ସୁନା ଚୋର ଗିରଫ, ୩ ଫେରାର

- ସୁନା ଚେନ, ଖଣ୍ଡା ଜବତ
- ଅଭିଯୁକ୍ତଙ୍କ ନାଁରେ ୩୫ ମାମଲା

କୋଣାର୍କ, ୮।୨(ଡି.ଏନ୍.ଏ)

ଦୀର୍ଘ ୧୦ବର୍ଷ ଧରି ପୁରୀ ଜିଲାରେ ଆତଙ୍କ ଚଳାଉଥିବା ଦୁର୍ଦ୍ଦାନ୍ତ ସୁନା ଚୋରକୁ କୋଣାର୍କ ପୋଲିସ ଧରିବାରେ ସଫଳ ହୋଇଛି। ସେ ହେଲେ ଏହି ଥାନା ଅଞ୍ଚଳର ନରେନ୍ଦ୍ର କାଣ୍ଡି ଓରଫ କାଳିଆ। ଏଥିସହ ପୋଲିସ କାଳିଆର ସାଥୀ ପ୍ରକାଶ ପାତ୍ର ଓରଫ କୁନାକୁ ମଧ ଗିରଫ କରିଛି। ତାଙ୍କ ପାଖରୁ ୩ଟି ସୁନା ଚେନ୍, ଖଣ୍ଡା, କତୁରି ଓ ବିଦେଶୀ ମଦ ଜବତ ହୋଇଛି। ଦୁହିଁଙ୍କୁ ମଙ୍ଗଳବାର କୋଣାର୍କ କୋର୍ଟ ଚାଲାଣ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଖବରରୁ ପ୍ରକାଶ, ଗତ ୭ ତାରିଖରେ କୋଣାର୍କ ଥାନା ଏସ୍‌ଆଇ ତାଙ୍କ ଟିମ ସହିତ ପାଟ୍ରୋଲିଂ କରୁଥିବାବେଳେ ଚନ୍ଦ୍ରଭାଗା ନିକଟ ଜଙ୍ଗଲରେ କାଳିଆ ଓ ତା'ର ୪ ସାଥୀ ଚୋରି ଯୋଜନା କରୁଥିବା ସୂଚନା ପାଇଥିଲେ। ପୋଲିସ ତୁରନ୍ତ ସେଠାରେ ପହଞ୍ଚି ୨ଜଣଙ୍କୁ ଧରିଥିଲେ। ହେଲେ ତାଙ୍କ ସାଥୀରେ ଥିବା ୩ଜଣ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଭୁବନେଶ୍ୱର ଓ ପୁରୀ ଜିଲାର ବାଲିପାଟଣା, ଗୋପ, କାକଟପୁର, ବାଲିଅନ୍ତା ଆଦି ବିଭିନ୍ନ ଅଞ୍ଚଳରୁ ଲକ୍ଷ ଲକ୍ଷ ଟଙ୍କାର ସୁନା ଗହଣା ଚୋରି କରିଥିବା ପୋଲିସ ଜାଣିବାକୁ ପାଇଛି। କାଳିଆ ନାମରେ ବିଭିନ୍ନ ଥାନାରେ ୩୫ରୁ ଅଧିକ ମାମଲା ରହିଛି। ସେ ସୁନା ଚୋରି କରି କୋଣାର୍କ, ଗୋପ ଅଞ୍ଚଳରେ ବିଭିନ୍ନ ଲୋକମାନଙ୍କୁ ବିକ୍ରି କରୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୋଲିସ କେସ୍ ନଂ ୩୯୯/୪୦୨ ସହିତ ୨୫ଆର୍ମ ଆକ୍ଟରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଆଇଆଇସି ରଞ୍ଜନ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ସୂଚନା ଦେଉଛନ୍ତି।

# ପାର୍ଟ ପ୍ଲଟ୍ ବିକ୍ରି ବନ୍ଦ ଯୋଗୁ ଜମି ମାଲିକ ହଟହଟା

ଭୁବନେଶ୍ୱର,୮।୧(ବ୍ୟୁରୋ)

ଭୁବନେଶ୍ୱର ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ପାର୍ଟ ପ୍ଲଟ୍ ବିକ୍ରି ଉପରେ ରୋକ୍ ଲାଗିଛି। ଫଳରେ ଜମି ମାଲିକମାନେ ଜରୁରୀ ସମୟରେ ବି ସେମାନଙ୍କ ଜମି ବିକ୍ରି କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲି ଜମି ମାଲିକ ନୁହନ୍ତି, ବରଂ ଆଇନଜୀବୀ, ମୋହରିର, ଟାଇପିଷ୍ଟମାନେ ମଧ ଜାଗା କିଣାବିକା ହୋଇପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି କି ସେମାନେ ଆନ୍ଦୋଳନ କରିବାକୁ ମିଳିତ ଚେତାବନୀ ଦେଇଛନ୍ତି। ଲୟର୍ସ ଗ୍ରୁପର ଆଇନଜୀବୀ ଲିଙ୍ଗରାଜ ଦାଶ କହିଛନ୍ତି, ବ୍ୟକ୍ତିଗତ ଜମି କିଣାବିକା କ୍ଷେତ୍ରରେ ଏଭଳି କିଛି ଆଇନ ନ ଥିବାବେଳେ ଡିଷ୍ଟ୍ରିକ୍ ସବ୍ ରେଜିଷ୍ଟ୍ରାର (ଡିଏସ୍‌ଆର୍) ପାର୍ଟ ପ୍ଲଟ୍ ବିକ୍ରିବନ୍ଦ କରିଛନ୍ତି। ଫଳରେ ସାଧାରଣ ଲୋକ ହଇରାଣ ହେବା ସହିତ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱହାନି ଘଟୁଛି ବୋଲି ଦାଶ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ପୁରୁଣା ଭୁବନେଶ୍ୱର ଅଞ୍ଚଳର ପ୍ରତାପ କୁମାର ରାଉତ ନାମକ ଜଣେ ବ୍ୟକ୍ତି ରିୟଲ ଇଷ୍ଟେଟ ରେଗୁଲେଟୋରି ଆକ୍ଟ ଅଥରିଟି (ରେରା)କୁ କଡ଼ାକଡ଼ି ପାଳନ କରିବାକୁ ଦାବିକରି ଜିଲାପାଳଙ୍କ ନିକଟରେ ଅଭିଯୋଗ ପତ୍ର ଦେଇଥିଲେ। ଏହାକୁ ଆଧାର କରି ଜିଲାପାଳ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଡିଏସ୍‌ଆରଙ୍କୁ ମୌଖିକ ଭାବେ ପାର୍ଟ ପ୍ଲଟ୍ ବିକ୍ରି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥଲେ। ଆଇନଜୀବୀଙ୍କ ଅଭିଯୋଗ ଅନୁଯାୟୀ ରେରା ଏବଂ ଓଡିଏ ନିୟମରେ ଏଭଳି କିଛିନାହିଁ। ଏହା ଯୋଗୁଁ ସାଧାରଣ ଚାଷୀ ନିଜ ଜମି ବିକ୍ରି କରିପାରୁ ନାହାନ୍ତି। ଡିଏସ୍‌ଆର୍‌ଙ୍କ ଏତାଦୃଶ କାର୍ଯ୍ୟକୁ ଭୁବନେଶ୍ୱରର ୨ଶହରୁ ଊର୍ଦ୍ଧ୍ୱ ଆଇନଜୀବୀ ବିରୋଧ କରି ରାଜସ୍ୱ ସଚିବ, ଆଇଜିଆର, ଖୋର୍ଦ୍ଧା ଜିଲାପାଳ, ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ଓ ଡିଏସ୍‌ଆରଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିଛନ୍ତି।

# ଜାନୁୟାରୀରେ ୬୮୯ କାର୍ଯ୍ୟ ପାଇଁ ଲାଇସେନ୍ସ

ଭୁବନେଶ୍ୱର,୮।୨(ବ୍ୟୁରୋ)

ଭୁବନେଶ୍ୱରରେ ବିବାହ, ଶୋଭାଯାତ୍ରା ତଥା ଅନ୍ତ୍ୟେଷ୍ଟିକ୍ରିୟା ଭଳି କାର୍ଯ୍ୟ ସମାପନ ପାଇଁ ଅନୁମତ ଦେବାକୁ ଡିସିପି ଅଫିସରେ ଲାଇସେନ୍ସ ସେଲ ରହିଛି। ଜନସାଧାରଣ ବିଭିନ୍ନ କାର୍ଯ୍ୟ ପାଇଁ ଆବେଦନ କରିବା ପରେ ଏହି ସେଲ୍ ଅନୁମତି ଦେଉଛି। ତେବେ ଜାନୁଆରୀ ମାସରେ ଏହି ସେଲ୍ ବିଭିନ୍ନ କାର୍ଯ୍ୟ ପାଇଁ ୬୮୯ଟି ଲାଇସେନ୍ସ ଦେଇଛି। ସେଥିମଧ୍ୟରୁ ବିବାହ ସମାରୋହ ତଥା ଶୋଭାଯାତ୍ରା ପାଇଁ ୬୪୭, ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୧୪, ଭାରିଯାନ ପ୍ରବେଶ ପାଇଁ ୧୪, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ୫, ଯାତ୍ରା ବା ମେଳା ପାଇଁ ଗୋଟିଏ, ଆତସବାଜି ପ୍ରଦର୍ଶନ ପାଇଁ ଗୋଟିଏ ଏବଂ ଅନ୍ୟାନ୍ୟ ମେଳା ପାଇଁ ୭ଟି ଆବେଦନ ପତ୍ରକୁ ସେଲ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ସେହିପରି ଫେବୃୟାରୀ ମାସଠାରୁ ଏଯାବତ ବିବାହ ତଥା ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ଅନଲାଇନ ଆବେଦନ ଗ୍ରହଣ ପ୍ରକ୍ରିୟା ଆରମ୍ଭ କରାଯାଇ ସର୍ବମୋଟ ୬୨୭ଟି ଆବେଦନ ପତ୍ର ଗ୍ରହଣ କରାଯାଇଛି। ସେଥିମଧ୍ୟରୁ ୪୭୧ଟି ଆବେଦନ ପତ୍ରକୁ ସ୍ୱୀକୃତି ପ୍ରଦାନ କରାଯାଇଛି।

# ଆମ ସାହି ପାଠାଗାର ଉଦ୍‌ଘାଟିତ

କଟକ ଅଫିସ,୮।୨

କଟକ ଖାନ୍‌ନଗର ଓ ଯୋବ୍ରାଠାରେ ମଙ୍ଗଳବାର ଆମସାହି ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, ସବୁ ବର୍ଗର ଲୋକଙ୍କ ପାଇଁ ଏହି ପାଠାଗାରରେ ପୁସ୍ତକ ରଖାଯାଇଛି। ଏହି ପୁସ୍ତକ ଜ୍ଞାନ ଅର୍ଜନରେ ସହାୟକ ହେବ। ଇଚ୍ଛୁକ ପାଠକମାନେ ଏଠାକୁ ଆସି ପଢ଼ିପାରିବେ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଡିସିପି ପ୍ରତୀକ୍ ସିଂ, ଏସିପି ଅମରେନ୍ଦ୍ର ପଣ୍ଡା, ବାଦାମବାଡି ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର, ପୂଜା କମିଟି ସଭାପତି ସୁବାସ ଚନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଗିଣିଆରେ ଗୋଲେଇ ଛକ ନିର୍ମାଣ କରାଯାଉ

ଭୁବନେଶ୍ୱର,୮।୨(ବ୍ୟୁରୋ)

**ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ କଂଗ୍ରେସର ଦାବିପତ୍ର**

ଆଇଗିଣିଆରେ ଗୋଲେଇ ଛକ ନିର୍ମାଣ ଦାବି ତେଜିବାରେ ଲାଗିଛି। ଆଇଗିଣିଆ, ଯଦୁପୁର, ଡୁମୁଡୁମା, ଡୁମଡୁମା କଲୋନୀ, ସରକନ୍ତରା ଓ ବାହାଦଲପୁରର ଅଧିବାସୀ ଜାତୀୟ ରାଜପଥ ଦେଇ ପ୍ରତିଦିନ ଯାତାୟତ କରୁଛନ୍ତି। ଡୁମୁଡୁମାରୁ ଆସି ଖଣ୍ଡଗିରି ଦିଗରେ ଯିବାକୁ ହେଲେ ପ୍ରାୟ ୨କି.ମି. ରାସ୍ତା ବୁଲି ପାତ୍ରପଡ଼ା ବ୍ରିଜ୍ ତଳ ଦେଇ ଯିବାକୁ ପଡୁଛି। ସ୍ଥାନୀୟ ଅଞ୍ଚଳର ପ୍ରାୟ ୪୦ହଜାର ଲୋକ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିଛି ଲୋକ ଭୁଲ ରାସ୍ତାରେ ଯିବା ଫଳରେ କସ୍‌ମୋପଲି ଛକଠାରୁ ଖଣ୍ଡଗିରି ଛକ ମଧ୍ୟରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏଭଳି ସମସ୍ୟାକୁ ନଜରରେ ରଖି ଆଇଗିଣିଆ ଛକଦେଇ ଏକ ଗୋଲେଇ ଛକ କରିବା ପାଇଁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଓ ଭୁବନେଶ୍ୱର କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପାଲହାଇଟ୍ସସ୍ଥିତ ଜାତୀୟ ରାଜପଥ ଅଥରିଟି ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। କସ୍‌ମୋପଲି ଛକରୁ ବରମୁଣ୍ଡା ଛକ ପର୍ଯ୍ୟନ୍ତ ଓଭରବ୍ରିଜ କାମ ନିମ୍ନମାନର ହୋଇଥିବାରୁ ବର୍ଷେ ନ ପୁରୁଣୁ ଓଭରବ୍ରିଜରେ ଫାଟ ସୃଷ୍ଟି ହୋଇଥିବା ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି। ଜାତୀୟ ରାଜପଥ ଅଥରିଟି ଅଧିକାରୀ ଏଥିପ୍ରତି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

LIC HFL
LIC HOUSING FINANCE LTD

ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିଃ.
ଇପିକଲ ହାଉସ୍, ୬ଷ୍ଠ ମହଲା, ଆନେକ୍ସ ବିଲ୍ଡିଂ, ଜନପଥ, ଭୁବନେଶ୍ୱର - ୭୫୧୦୨୨

ପରିଶିଷ୍ଟ-୪ [ରୁଲ୍- ୮(୧)]
**ଦଖଲ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିଃ.**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ଆକ୍ଟ, ୨୦୦୨ ର ନିୟମ ୯ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର(ମାନ)ଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଡିମାଣ୍ଡ ନୋଟିସ୍‌ରେ ଦର୍ଶିତ ଅର୍ଥ ରାଶି ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା(ମାନେ) ତାଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍‌ର ରୁଲ୍ ୯ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନ ଦର୍ଶିତ ତାରିଖରେ ଦଖଲକୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ସେ ବାବଦ ସୁଧ ନିମନ୍ତେ **ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିଃ.** ନିକଟରେ ଉତ୍ତରଦାୟୀ ରହିବେ।

| ଋଣଗ୍ରହୀତା/ସହ-ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର(ମାନ)ଙ୍କ ନାମ ଓ ଠିକଣା/ ଆକାଉଣ୍ଟ ନଂ. | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ବକେୟା ଦେୟ |
| --- | --- | --- | --- |
| ଋଣଗ୍ରହୀତା: ଶ୍ରୀ ନିତ୍ୟାନନ୍ଦ ମହାନ୍ତି (ପ୍ରାଇମେରୀ ଆପ୍ଲିକାଣ୍ଟ), ଗ୍ରାମ: ମୁଣ୍ଡମାଳ, ଯାଜପୁର ରୋଡ୍, ଯାଜପୁର, ଓଡ଼ିଶା-୭୫୮୦୫୨ / ଋଣ ଆକାଉଣ୍ଟ ନଂ.: ୨୧୧୬୦୦୦୦୧୨୮୫ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୩୪, ମୌଜା: ହସନପୁର, ଖାତା ନଂ.: ୪୫, ତହସିଲ: ଯାଜପୁର, ଗ୍ରାମ: ଖୋସାଲପୁର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୮୦୫୨, ଭାରତ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୩୫/୨୦୫୯, ପଶ୍ଚିମ: ରାଧାଶ୍ୟାମ ଭୂୟାଁ, ମଦନ ଭୂୟାଁ, ଉତ୍ତର: ଗୋକୁଳାନନ୍ଦ ମହାନ୍ତି, କିଶୋର ମହାନ୍ତି, ଜୟ ଚନ୍ଦ୍ର ମହାନ୍ତି, ଦକ୍ଷିଣ: ସରକାରୀ ରାସ୍ତା | ୨୧.୦୭.୨୦୨୧ / ୦୪.୦୨.୨୦୨୨ | ଟ.୪୦,୧୬,୩୧୭.୨୪ + ସେ ବାବଦ ସୁଧ |

ତାରିଖ : ୦୮.୦୨.୨୦୨୨, ସ୍ଥାନ: ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିଃ. ଭୁବନେଶ୍ୱର

## ସଂକ୍ଷେପରେ

### ବେଆଇନ ବାଲିଚାଲାଣ, ହାଇୱା ଡ୍ରାଇଭର ଗିରଫ

**ଭୁବନେଶ୍ୱର,୮।୨(ବ୍ୟୁରୋ):** ବାଲି ଚୋରା ଚାଲାଣ ଅଭିଯୋଗରେ ସୋମବାର ବିଳମ୍ବିତ ରାତିରେ ଚନ୍ଦକା ପୋଲିସ ଜଣେ ହାଇୱା ଡ୍ରାଇଭରଙ୍କୁ ଗିରଫ କରିଛି। ଏଥିସହ ବାଲି ବୋଝେଇ ହାଇୱାକୁ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ରିଙ୍କୁ ସାହୁ(୨୮)। ମିଳିଥିବା ସୂଚନା ଅନୁଯାୟୀ, ରାଜଧାନୀ ଉପକଣ୍ଠ ପଥରଗଡ଼ିଆ ଅଞ୍ଚଳରେ ବ୍ୟାପକ ବେଆଇନ ବାଲିଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ସୋମବାର ବିଳମ୍ବିତ ରାତ୍ରିରେ ପଥରଗାଡ଼ିଆ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ବାଲି ବୋଝେଇ ହାଇୱା(ଓଡିଏ-ଏ-୮୭୬୫)କୁ ଅଟକାଇ କାଗଜପତ୍ର ମାଗିଥିଲେ। ହେଲେ ଏହାର ଡ୍ରାଇଭର ରିଙ୍କୁ ବାଲି ଚାଲାଣ ସମ୍ପର୍କିତ କୌଣସି ବୈଧ କାଗଜ ଦେଖାଇ ନ ପାରିବାରୁ ତାଙ୍କୁ ପୋଲିସ ଗିରଫ କରିବା ସହ ହାଇୱାକୁ ଜବତ କରିଥିଲା।

### ଯାତ୍ରୀଙ୍କ ପର୍ସ ଲୁଟ୍, ଅଟୋଚାଳକ ଗିରଫ

**ପୁରୀ ଅଫିସ,୮।୨:** ଯାତ୍ରୀଙ୍କଠାରୁ ପର୍ସ ଓ ଆସବାବପତ୍ର ନେଇ ପଳାଇଥିବା ଅଟୋଚାଳକଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସ୍ୱପ୍ନ ମଣା। ତାଙ୍କଠାରୁ ଏକ ଏୟାରବ୍ୟାଗ୍, ୧୯ ଶହ ଟଙ୍କା ଓ ଅନ୍ୟ ଆସବାବପତ୍ର ଜବତ କରିଛି। ଏ ନେଇ ପୋଲିସ ପକ୍ଷରୁ ଏକ ମାମଲା (ନଂ.୨୮/୨୨) ରୁଜୁ ହୋଇଛି। ଭଦ୍ରକର ଚିତ୍ତରଞ୍ଜନ ନାୟକ କୁମ୍ଭାରପଡ଼ା ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ, ସୋମବାର ସେ ତାଙ୍କ ଦୁଇ ବନ୍ଧୁଙ୍କ ସହ ପୁରୀ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ସେଠାରୁ ରେଲ୍‌ୱେ ଷ୍ଟେସନ୍ ପର୍ଯ୍ୟନ୍ତ ଯିବା ପାଇଁ ଅଟୋଚାଳକ ସ୍ୱପ୍ନ ତାଙ୍କଠାରୁ ୨ ଶହ ଟଙ୍କା ଭଡ଼ା ନେବା ପାଇଁ କଥା ହୋଇଥିଲା। ଷ୍ଟେସନରେ ଓହ୍ଲାଇବା ପରେ ଚାଳକ ଟଙ୍କା ନେବା ମାତ୍ରେ ଅଟୋରେ ଥିବା ତାଙ୍କର ସମସ୍ତ ଆସବାବପତ୍ର ସହ ମହାପ୍ରସାଦ ନେଇ ଘଟଣାସ୍ଥଳରୁ ପଳାଇଥିଲେ।

### ୧୧ରେ ରତ୍ନମୁଦ ଉତ୍ସବ

**କୋଣାର୍କ, ୮।୨(ଡି.ଏନ୍.ଏ.):** କୋଣାର୍କସ୍ଥିତ ଭବ୍ୟ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ନିମନ୍ତେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୧୧ ତାରିଖରେ ରତ୍ନମୁଦ ଦିଆଯିବ ବୋଲି ଜଗନ୍ନାଥ ଟ୍ରଷ୍ଟବୋର୍ଡ ମୁଖ୍ୟ ଟ୍ରଷ୍ଟି ଅମରେଶ୍ୱର ନାୟକ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଜଗନ୍ନାଥ ଟ୍ରଷ୍ଟବୋର୍ଡ ରାଜାରାମ ମଠ କୋଣାର୍କ ପକ୍ଷରୁ ଜଗନ୍ନାଥ ସଂସ୍କୃତି ଏବଂ ମଠ ମନ୍ଦିର ସୁରକ୍ଷା ଓ ପ୍ରଚାର ପ୍ରସାର ଲକ୍ଷ୍ୟରେ ନିର୍ମାଣାଧୀନ ଭବ୍ୟ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ପାଳନ କରାଯିବ। କରୋନା କଟକଣା ମଧ୍ୟରେ ହେବାକୁ ଥିବା ଏହି ଉତ୍ସବରେ ଇନ୍ଦ୍ରଇନ୍ଦ୍ରାଣୀ ପୂଜା, ନୃସିଂହ ପୂଜା, ବାସୁଦେବ ପୂଜା, ବେଦପାଠ, ନାମ ସଂକୀର୍ତ୍ତନ ଏବଂ ଏକ ଲକ୍ଷ ଆହୁତି ହେବ। ମନ୍ଦିର ପୁରୋହିତ ବଳରାମ ଶତପଥୀ, ନିରଞ୍ଜନ ପତି ଓ ପୂଜକ ପ୍ରହ୍ଲାଦ ଦାଶ ପ୍ରମୁଖ ପଣ୍ଡିତମାନେ ପୂଜାର୍ଚ୍ଚନା କରିବେ ବୋଲି ଟ୍ରଷ୍ଟ ମୁଖ୍ୟ କହିଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

**ବାଲିପାଟଣା, ୮।୨(ଡି.ଏନ୍.ଏ.):** ବାଲିପାଟଣା ଥାନା ଅପୂଜା ନିକଟ ଅରିଲୋ ନିତ୍ୟଧାମ ଆଶ୍ରମରେ ତିନିଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ଯଜ୍ଞର ସୋମବାର ପୂର୍ଣ୍ଣାହୁତି ହୋଇଯାଇଛି। ଆଶ୍ରମର ପ୍ରତିଷ୍ଠାତା ସଦ୍‌ଗୁରୁ ଚଗଲା ଠାକୁରଙ୍କ ନେତୃତ୍ୱରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ଶ୍ରୀପଞ୍ଚମୀରୁ ଆରମ୍ଭ ହୋଇଥିବା ଏହି ଯଜ୍ଞରେ ପ୍ରତ୍ୟେକ ଦିନ ସକାଳେ ମଙ୍ଗଳ ଆଳତି, ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାର, ଆହୁତି ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଭିନ୍ନ ଆଶ୍ରମର ସାଧୁସନ୍ଥ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ଯୋଗଦେଇଥିବା ବେଳେ ଆଶ୍ରମର ମାନସ ବାବା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜମି ଜବରଦଖଲକୁ ବିରୋଧ

**ବୋଲଗଡ଼, ୮।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଧଳାପଥର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ଗୋପୀନାଥପୁର ମୌଜା ଅନ୍ତର୍ଗତ ଗୋପୀନାଥପୁର ପ୍ରକଳ୍ପ ବିଦ୍ୟାଳୟ ନିକଟରେ ରହିଥିବା ସରକାରୀ ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଛନ୍ତି। ଫଳରେ ଧଳାପଥର ଗ୍ରାମର କେତେଜଣ ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରିବା ସହ ଏହାକୁ ବିରୋଧ କରିଛନ୍ତି। ଏନେଇ ମଙ୍ଗଳବାର ଏହି ଗ୍ରାମର କେତେଜଣ ବ୍ୟକ୍ତି ସ୍ଥାନୀୟ ତହସିଲଦାର ସନ୍ତୋଷିନୀ ଦାଶଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି

## ତହସିଲଦାରଙ୍କୁ ଅଭିଯୋଗପତ୍ର ପ୍ରଦାନ


ତହସିଲ କାର୍ଯ୍ୟାଳୟରେ ବସିଥିବା ଅଭିଯୋଗକାରୀ।

ଯେ, ଧଳାପଥର ପଞ୍ଚାୟତ ଅଞ୍ଚଳର ଗୋପୀନାଥପୁର ମୌଜାସ୍ଥିତ ପ୍ରକଳ୍ପ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରଠାରେ ରହିଥିବା ସରକାରୀ ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲରେ ରଖିଛନ୍ତି। ଏଠାରେ ଗ୍ରାମବାସୀଙ୍କ ଅନୁରୋଧକ୍ରମେ ପିଲାମାନଙ୍କ ପାଇଁ ଏକ ଖେଳପଡ଼ିଆ ନିର୍ମାଣ କରାଯିବାକୁ ସ୍ଥାନୀୟ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହି ଜାଗାକୁ ଜବରଦଖଲମୁକ୍ତ କରିବା ଲାଗି ଅଭିଯୋଗପତ୍ରରେ ଦର୍ଶାଯାଇଛି। ତୁରନ୍ତ ପଦକ୍ଷେପ ନେବା ସହ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗକାରୀମାନେ ତହସିଲଦାରଙ୍କୁ ନିବେଦନ କରିଛନ୍ତି। ଏହି ଅଭିଯୋଗ ଉପରେ ତହସିଲଦାର ଦାଶ ତଦନ୍ତ କରିବାକୁ ଧଳାପଥର ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ହାତୀ ଉପଦ୍ରବ, ଭୟରେ ଗ୍ରାମବାସୀ

**ନିରାକାରପୁର, ୮।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ସଞ୍ଜ ନଇଁଲେ ରାସ୍ତାଘାଟ ଶୁନ୍‌ଶାନ ହୋଇପଡୁଛି। ନିକଟ ଜଙ୍ଗଲରେ ରହିଥିବା ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି।

## ବନ ବିଭାଗ ଦୃଷ୍ଟି ଦେବାକୁ ଦାବି

ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଥିବା ନଜିର ରହିଛି। ହାତୀ ଘଉଡ଼ାଇବା ଲାଗି ବନ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସତ୍ତ୍ୱେ ଖାଦ୍ୟ ଲାଳସାରେ ଉକ୍ତ ଅଞ୍ଚଳ ଛାଡ଼ି ଯାଉନାହାନ୍ତି। ଫଳରେ ସ୍ଥାନୀୟ ଚାଷୀ ଓ ବନ କର୍ମଚାରୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଆଗାମୀ ଦିନରେ ଏଭଳି ସମସ୍ୟା ଲାଗିରହିଲେ ଏକର ଏକର ଚାଷଜମି ପଡ଼ିଆ ପଡ଼ିବ ବୋଲି କେତେଜଣ ଚାଷୀ କହିଛନ୍ତି। ଏ ନେଇ ଭୂଷଣ୍ଡପୁର ଫରେଷ୍ଟର ରାକେଶ ପଣ୍ଡା କହିଛନ୍ତି, ଗୋଟିଏ ହାତୀ କେବଳ ଉକ୍ତ ରେଞ୍ଜ ନାରକଦାଠାରେ ରହିଛି। ଅନ୍ୟ ସମସ୍ତ ହାତୀ ଜଙ୍ଗଲ ଭିତରକୁ ପଳାଇଥିବା ସେ କହିଛନ୍ତି।

# ଫାଇନାଲରେ ଉତ୍କଳ ସ୍ପୋର୍ଟିଂ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

**ଝାଁଲା, ୮।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଶବର ସ୍ପୋର୍ଟସ୍‌ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୨୩ତମ ରାଜ୍ୟସ୍ତରୀୟ ଶବର କପ୍ ଫୁଟବଲ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଖୋର୍ଦ୍ଧା ଜିଲା ଶବର ସ୍ପୋର୍ଟିଂ କ୍ଲବକୁ ୨-୧ ଗୋଲରେ ହରାଇ ଜଟଣୀର ଉତ୍କଳ ସ୍ପୋର୍ଟିଂ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ୧୫ମିନିଟ ପରେ ଶବର ସ୍ପୋର୍ଟିଂର ରାଜା ବିନ୍ଧାଣି ଗୋଟିଏ ଗୋଲ୍ ଦେଇଥିଲେ। ୪୫ ମିନିଟରେ ଉତ୍କଳ ସ୍ପୋର୍ଟିଂର ଏସ୍.କେ. ଫରିଦ୍ (ନାଣ୍ଟୁ) ଓ ୫୦ମିନିଟରେ ବିଜୟ ବାରିକ ଗୋଟିଏ ଲେଖାଏ ମୋଟ୍ ଦୁଇଟି ଗୋଲ ଦେଇଥିଲେ। ମ୍ୟାଚ ଶେଷ ସୁଦ୍ଧା ଶବର ସ୍ପୋର୍ଟିଂ ଆଉ ଗୋଲ ଦେଇ ନ ପାରିବାରୁ ଉତ୍କଳ ସ୍ପୋର୍ଟିଂ ବିଜୟୀ ହୋଇଥିଲା। ଅଶୋକ କୁମାର କଅଁର, ବିଦେଶୀ ନାୟକ, ମିକୁନ୍ ମହାନ୍ତି ଓ ରାଜୁ ମହାନ୍ତ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ମୁଖ୍ୟ ଅତିଥିଭାବେ ସୁବ୍ରତ ଶେଖର ପଟ୍ଟନାୟକ, ମନ୍ମଥ ମହାପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ଏସ୍.କେ. ଫରିଦଙ୍କୁ ପୁରସ୍କୃତ କରିଥିଲେ।

# ବିକାଶ ସଂକଳ୍ପ ନେଇ ଭୋଟ ନିବେଦନ

**ଖୋର୍ଦ୍ଧା ଅଫିସ,୮।୨**

ପଞ୍ଚାୟତ ନିର୍ବାଚନ ପାଇଁ ଖୋର୍ଦ୍ଧାର ବିଭିନ୍ନ ଗ୍ରାମାଞ୍ଚଳରେ ପ୍ରଚାର ସାଙ୍ଗକୁ ଜମୁଛି ଭୋଜିଭାତର ଆସର। କ୍ଷମତା ପାଇଁ ପ୍ରାର୍ଥୀମାନେ ବିଭିନ୍ନ ରଣନୀତି ଆପଣାଇଛନ୍ତି। ୩ ପ୍ରମୁଖ ଦଳର ପ୍ରଚାରରେ ବିଜେଡି ଆଗରେ ରହିଥିବା ଚର୍ଚ୍ଚା ହେଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ୨ନଂ. ଜୋନ୍‌ର ତୋଟାପଡ଼ାସ୍ଥିତ କାର୍ଯ୍ୟାଳୟ ପରିସରରୁ ପ୍ରାର୍ଥୀ କୈଶରା ବେଗମ ସମର୍ଥକଙ୍କ ସହ ପ୍ରଚାରରେ ବାହାରି ଜୋନ୍‌ର ୭ ପଞ୍ଚାୟତରେ ଭୋଟରଙ୍କୁ ଭେଟି ଦଳୀୟ ଚିହ୍ନରେ ଭୋଟ ଦେବା ଲାଗି ନିବେଦନ କରିଥିଲେ। ଏଥିରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ କୈଳାସ ପାତ୍ର, ପ୍ରଫୁଲ୍ଲ ଦଳେଇ, ଜିଲା ଯୁବ ବିଜେଡି ସଭାପତି ରାଜେଶ ପରିଡା, ଜିଲା ସମ୍ପାଦକ ଲଳିତ ମୋହନ ମହାପାତ୍ର, ବିସିଜେଡି ଜିଲା ସଭାପତି ବିଶ୍ୱଦୀପ ପ୍ରଧାନ, ସନ୍ତୋଷ କୁମାର ଦାସ, ତପନ ନାୟକ, ଇବ୍ରାହିମ ଖାନ୍, ଗୌତମ ମିଶ୍ରଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ। ପ୍ରତି ପଞ୍ଚାୟତରେ କୈଶରା ବେଗମ୍‌ଙ୍କ ପାଇଁ ସମର୍ଥନ ବଢୁଥିବାବେଳେ ମହିଳା ଓ ଯୁବ ଭୋଟର ତାଙ୍କ ପାଇଁ ଆଗକୁ ଆସିଛନ୍ତି ବୋଲି ଚର୍ଚ୍ଚା ହେଉଛି।


ଜିଲା ପରିଷଦ ପ୍ରାର୍ଥୀ କୈଶରା ବେଗମ ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି।

### ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ

**କୃଷ୍ଣପ୍ରସାଦ,୮।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନିୟୋଜିତ ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଚିଲିକା ନୂଆପଡ଼ାସ୍ଥିତ ରୁକ୍ମଣୀ ଦେବୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବ୍ଲକ ନିର୍ବାଚନ ଅଧିକାରୀ ତଥା କୃଷ୍ଣପ୍ରସାଦ ମଣ୍ଡଳ ଉନ୍ନୟନ ଅଧିକାରୀ ମନୋଜ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ତହସିଲଦାର ଉଲ୍ଲାସ କୁମାର ସେଠୀ, ଅତିରିକ୍ତ ତହସିଲଦାର ଶଶିଭୂଷଣ ମିଶ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ୍, ବିଆର୍‌ସିସି ସତ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କୁ ଭୋଟ ପ୍ରକ୍ରିୟା ଓ ବିଭିନ୍ନ ଆଇନ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଦୁଇଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ବ୍ଲକର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଶିକ୍ଷୟିତ୍ରୀ, ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପ୍ରଭାତ ଜେନା, ରଶ୍ମିରଞ୍ଜନ ସାହୁ, ସିଦ୍ଧେଶ୍ୱର କରଣ, ପ୍ରଦୀପ୍ତ ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କ ପ୍ରଚାର

**କୃଷ୍ଣପ୍ରସାଦ,୮।୨(ଡି.ଏନ୍.ଏ.)**

ପଞ୍ଚାୟତ ନିର୍ବାଚନ ପାଇଁ ରାଜନୀତି ସରଗରମ ରହିଛି। ପ୍ରାର୍ଥୀମାନେ ଘର ଘର ବୁଲି ପ୍ରଚାର କରିବା ସହ ଭୋଟ ଦେବା ଲାଗି ଲୋକଙ୍କୁ ନିବେଦନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ବ୍ଲକ ଗୋମୁଣ୍ଡିଆ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଦୁଷ୍ମନ୍ତ ସେଠୀ, ସମିତି ସଭ୍ୟ ପ୍ରାର୍ଥୀ ରଶ୍ମିତା ରାଣୀ ନାୟକ ସମର୍ଥକଙ୍କ ସହ କୋଭିଡ୍ ନିୟମ ଅନୁଯାୟୀ ପ୍ରଚାର ଜାରି ରଖିଛନ୍ତି। ପଞ୍ଚାୟତର ବିକାଶକୁ ପ୍ରମୁଖ ମୁଦ୍ଦା କରି ନିର୍ବାଚନ ଜିତିବାକୁ ଆଶା ରଖିଛନ୍ତି। ନବୀନ ଜେନା, କାହ୍ନୁ ଚରଣ ଜେନା, ଯୁବମୋର୍ଚ୍ଚା ସଭାପତି ବିଷ୍ଣୁ ପ୍ରସାଦ ବେହେରା, ପ୍ରଦୀପ ଜେନା, ଭଗବାନ ତରେଇ ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ।

### ଯଦୁମଣି ଦାଶଙ୍କ ସ୍ମୃତିଚାରଣ ସଭା

**ନିରାକାରପୁର,୮।୨(ଡି.ଏନ୍.ଏ.)**

ନିରାକାରପୁର ପଞ୍ଚାୟତ ଅନ୍ତର୍ଗତ ପାଣ୍ଡବପାଟଣା ଗ୍ରାମର ଶତାୟୁ ପୁରୁଷ ତଥା କୁଶଳୀ ବାଣ କାରିଗର ଯଦୁମଣି ଦାଶଙ୍କ ବାର୍ଦ୍ଧକ୍ୟଜନିତ ମୃତ୍ୟୁ ହୋଇଥିଲା। ଏକାଦଶାହ ଅବସରରେ ଶିକ୍ଷାବିତ୍ ବଂଶୀଧର ଜଗଦ୍ଦେବଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ସଚିନ୍ ବଳିୟାରସିଂହ, କୁହୁଡି ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ କୁମାର ମହାପାତ୍ର, ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଯଦୁମଣିଙ୍କ ସ୍ମୃତିଚାରଣ କରିଥିଲେ। ନିରାକାରପୁର କଲେଜ ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ବିପିନ୍ ଜୟସିଂହ ଧନ୍ୟବାଦ ଦେଇଥିଲେ।

# ରାଜ୍ୟସ୍ତରୀୟ କୁନ୍ତଳା କୁମାରୀଙ୍କ ଜୟନ୍ତୀ


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଖୋର୍ଦ୍ଧା ଅଫିସ, ୮।୨**

ଖୋର୍ଦ୍ଧା ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ ସମାରୋହ ମଙ୍ଗଳବାର ଐତିହ୍ୟ ସଂରକ୍ଷକ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଐତିହାସିକ ତଥା ପ୍ରାଧ୍ୟାପକ ଡ. ନାରାୟଣ ରାଓ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ସନ୍ତୋଷ ନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, ଭୀମସେନ ପ୍ରଧାନ, ଆରତି ମଞ୍ଜରୀ ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରଖ୍ୟାତ ନାରୀକବି କୁନ୍ତଳା କୁମାରୀ ତାଙ୍କ ଶୈଶବ ଅବସ୍ଥାରେ ଖୋର୍ଦ୍ଧାରୁ ସାଉଁଟିଥିବା ଐତିହ୍ୟ ବିଜଡ଼ିତ ସ୍ମୃତିକୁ ପାଥେୟ କରି ସୃଷ୍ଟି କରିଛନ୍ତି କାଳଜୟୀ ସାହିତ୍ୟ ସମ୍ଭାର। ସେ ୧୯୩୫ ମସିହାରେ ଖୋର୍ଦ୍ଧା ବରୁଣେଇ ପାଦଦେଶରେ ଏକ ମହିଳା ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପରିକଳ୍ପନା କରିଥିଲେ, ଯାହା ଅଦ୍ୟାବଧି ପୂରଣ ହୋଇନାହିଁ। ପ୍ରାରମ୍ଭରେ ସଙ୍ଗଠନ ସମ୍ପାଦକ ବିଭୁପ୍ରସାଦ ହରିଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଲକ୍ଷ୍ମୀଧର ବଡ଼ଜେନାଙ୍କ ରଚିତ ପୁସ୍ତକ 'ଆର୍ଯ୍ୟାନର୍ତ୍ତର ଆଧାତ୍ମିକ ଗାଥା' ଉନ୍ମୋଚିତ ହୋଇଥିଲା। ଏହି ସମାରୋହରେ ଆୟୋଜିତ କବିତା ପାଠୋତ୍ସବକୁ ଡ. କୈଳାସ ଚନ୍ଦ୍ର ମହାରଣା ଓ ନୀଳାଦ୍ରି ପ୍ରସାଦ ଜଗଦ୍ଦେବ ସଂଯୋଜନା କରିଥିଲେ। ଏଥିରେ ଡ. ବୃନ୍ଦାବନ ପଣ୍ଡା, ପ୍ରମୋଦ ଚନ୍ଦ୍ର ଦାସ, ଶକ୍ତିଶଙ୍କର ମିଶ୍ର, ଇତିଶ୍ରୀ ସାହୁ, ସମରଜିତ୍ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ବାହିନୀପତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

# ସୁନା ଚୋର ଗିରଫ, ଖଣ୍ଡା ଜବତ

**କୋଣାର୍କ, ୮।୨(ଡି.ଏନ୍.ଏ)**

ଦୀର୍ଘ ୧୦ବର୍ଷ ଧରି ପୁରୀ ଜିଲାରେ ଆତଙ୍କ ଚଳାଉଥିବା ଦୁର୍ଦ୍ଧାନ୍ତ ସୁନା ଚୋରକୁ କୋଣାର୍କ ପୋଲିସ ଧରିବାରେ ସଫଳ ହୋଇଛି। ସେ ହେଲେ ଏହି ଥାନା ଅଞ୍ଚଳର ନରେନ୍ଦ୍ର କାଣ୍ଡି ଓରଫ କାଳିଆ। ଏଥିସହ ପୋଲିସ କାଳିଆର ସାଥୀ ପ୍ରକାଶ ପାତ୍ର ଓରଫ କୁନାକୁ ମଧ୍ୟ ଗିରଫ କରିଛି। ତାଙ୍କ ପାଖରୁ ୩ଟି ସୁନା ଚେନ୍, ଖଣ୍ଡା, କଟୁରି ଓ ବିଦେଶୀ ମଦ ଜବତ ହୋଇଛି। ଦୁହିଁଙ୍କୁ ମଙ୍ଗଳବାର କୋଣାର୍କ କୋର୍ଟ ଚାଲାଣ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଖବରରୁ ପ୍ରକାଶ, ଗତ ୭ ତାରିଖରେ କୋଣାର୍କ ଥାନା ଏସ୍‌ଆଇ ତାଙ୍କ ଟିମ ସହିତ ପାଟ୍ରୋଲିଂ କରୁଥିବାବେଳେ ଚନ୍ଦ୍ରଭାଗା ନିକଟ ଜଙ୍ଗଲରେ କାଳିଆ ଓ ତା'ର ୪ ସାଥୀ ଚୋରି ଯୋଜନା କରୁଥିବା ସୂଚନା ପାଇଥିଲେ। ପୋଲିସ ତୁରନ୍ତ ସେଠାରେ ପହଞ୍ଚି ୨ଜଣଙ୍କୁ ଧରିଥିଲେ। ହେଲେ ତାଙ୍କ ସାଥୀରେ ଥିବା ୩ଜଣ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଭୁବନେଶ୍ୱର ଓ ପୁରୀ ଜିଲାର ବାଲିପାଟଣା, ଗୋପ, କାକଟପୁର, ବାଲିଅନ୍ତା ଆଦି ବିଭିନ୍ନ ଅଞ୍ଚଳରୁ ଲକ୍ଷ ଲକ୍ଷ ଟଙ୍କାର ସୁନା ଗହଣା ଚୋରି କରିଥିବା ପୋଲିସ ଜାଣିବାକୁ ପାଇଛି। କାଳିଆ ନାମରେ ବିଭିନ୍ନ ଥାନାରେ ୩୫ରୁ ଅଧିକ ମାମଲା ରହିଛି। ସେ ସୁନା ଚୋରି କରି କୋଣାର୍କ, ଗୋପ ଅଞ୍ଚଳରେ ବିଭିନ୍ନ ଲୋକମାନଙ୍କୁ ବିକ୍ରି କରୁଥିବା ଜଣାପଡିଛି। ଏ ସମ୍ପର୍କରେ ପୋଲିସ କେସ୍ ନଂ ୩୯୯/୪୦୨ ସହିତ ୨୫ଆର୍ମ ଆକ୍ଟରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଆଇଆଇସି ରଞ୍ଜନ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ଅବକାରୀ ଚଢ଼ାଉ, ମହିଳାଙ୍କ ସମେତ ୩ ଗିରଫ


ଗିରଫ ୩ ଅଭିଯୁକ୍ତ ଏବଂ ଜବତ ମଦ ଓ ବାଇକ୍।

**ବାଲୁଗାଁ,୮।୨(ଡି.ଏନ୍.ଏ.)**

ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବାଣପୁର ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଦେଶୀ ଓ ବିଦେଶୀ ମଦ ସହ ଗୋଟିଏ ବାଇକ୍ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, ମଙ୍ଗଳବାର ସକାଳେ ବାଲୁଗାଁ ଅବକାରୀ ଅଧିକାରୀ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ଗମେଇଁ ଗ୍ରାମରେ ଚଢ଼ାଉ କରାଯାଇ ଦିଲୀପ ଲେଙ୍କାଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଠାରୁ ୩୦ଲିଟର ଦେଶୀ ମଦ ସହ ଏକ ବାଇକ୍ ଜବତ ହୋଇଛି। ସେହିପରି ହଳନ୍ଦା ଗ୍ରାମରେ ଚଢ଼ାଉ କରାଯାଇ ପଣ୍ଡି ନାୟକଙ୍କ ଠାରୁ ୫ଲିଟର ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା। ବାଣପୁରର ଆୟତପୁର ଗ୍ରାମରେ ଚଢ଼ାଉ କରାଯାଇ ଦୀପକ ଦଳାଇଙ୍କ ଠାରୁ ବିଦେଶୀ ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ଏନେଇ ପୃଥକ ଭାବେ ୩ଟି ମାମଲା(୧୧୦,୧୧୧, ୧୧୨/୨୦୨୧-୨୨) ରୁଜୁ ହୋଇଛି। ଏହି ଚଢ଼ାଉରେ ବାଲୁଗାଁ ଅବକାରୀ ବିଭାଗର ରଜନୀ ମିଞ୍ଜ୍ , ଜିତେନ୍ଦ୍ର ହେମ୍ବ୍ରମ, ପୁରୁଷୋତ୍ତମ ପାଇକରାୟ ଏବଂ ଟାଙ୍ଗୀ ଅବକାରୀ ବିଭାଗର ବିଶ୍ୱମ୍ଭର ବିଶ୍ୱାଳ, ଉର୍ମିଷ୍ଠା ସାମନ୍ତ ସିଂହାର ପ୍ରମୁଖ ସାମିଲ ହୋଇଥିଲେ।

# ପାର୍ଟ ପ୍ଲଟ୍ ବିକ୍ରି ବନ୍ଦ ଯୋଗୁ ଜମି ମାଲିକ ହଟହଟା

**ଭୁବନେଶ୍ୱର,୮।୧(ବ୍ୟୁରୋ)**

ଭୁବନେଶ୍ୱର ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ପାର୍ଟ ପ୍ଲଟ୍ ବିକ୍ରି ଉପରେ ରୋକ୍ ଲାଗିଛି। ଫଳରେ ଜମି ମାଲିକମାନେ ଜରୁରୀ ସମୟରେ ବି ସେମାନଙ୍କ ଜମି ବିକ୍ରି କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲି ଜମି ମାଲିକ ନୁହଁନ୍ତି, ବରଂ ଆଇନଜୀବୀ, ମୋହରିର, ଟାଇପିଷ୍ଟମାନେ ମଧ୍ୟ ଜାଗା କିଣାବିକା ହୋଇପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି କି ସେମାନେ ଆନ୍ଦୋଳନ କରିବାକୁ ମିଳିତ ଚେତାବନୀ ଦେଇଛନ୍ତି। ଲୟର୍ସ ଗ୍ରୁପର ଆଇନଜୀବୀ ଲିଙ୍ଗରାଜ ଦାଶ କହିଛନ୍ତି, ବ୍ୟକ୍ତିଗତ ଜମି କିଣା ବିକା କ୍ଷେତ୍ରରେ ଏଭଳି କିଛି ଆଇନ ନ ଥିବାବେଳେ ଡିଷ୍ଟ୍ରିକ୍ ସବ୍ ରେଜିଷ୍ଟ୍ରାର(ଡିଏସ୍‌ଆର୍) ପାର୍ଟ ପ୍ଲଟ୍ ବିକ୍ରି ବନ୍ଦ କରିଛନ୍ତି। ଫଳରେ ସାଧାରଣ ଲୋକ ହଇରାଣ ହେବା ସହିତ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱହାନି ଘଟୁଛି ବୋଲି ଦାଶ କହିଛନ୍ତି। ମିଳିଥିବା ସୂଚନା ଅନୁସାରେ, ପୁରୁଣା ଭୁବନେଶ୍ୱର ଅଞ୍ଚଳର ପ୍ରତାପ କୁମାର ରାଉତ ନାମକ ଜଣେ ବ୍ୟକ୍ତି ରିୟଲ ଇଷ୍ଟେଟ ରେଗୁଲେଟୋରି ଆକ୍ଟ ଅଥରିଟି(ରେରା)କୁ କଡ଼ାକଡ଼ି ପାଳନ କରିବାକୁ ଦାବିକରି ଜିଲାପାଳଙ୍କ ନିକଟରେ ଅଭିଯୋଗ ପତ୍ର ଦେଇଥିଲେ। ଏହାକୁ ଆଧାର କରି ଜିଲାପାଳ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଡିଏସ୍‌ଆରଙ୍କୁ ମୌଖିକ ଭାବେ ପାର୍ଟ ପ୍ଲଟ୍ ବିକ୍ରି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥଲେ। ଆଇନଜୀବୀଙ୍କ ଅଭିଯୋଗ ଅନୁଯାୟୀ ରେରା ଏବଂ ଓଡିଏ ନିୟମରେ ଏଭଳି କିଛିନାହିଁ। ଏହା ଯୋଗୁଁ ସାଧାରଣ ଚାଷୀ ନିଜ ଜମି ବିକ୍ରି କରିପାରୁ ନାହାନ୍ତି। ଡିଏସ୍‌ଆରଙ୍କ ଏତାଦୃଶ କାର୍ଯ୍ୟକୁ ଭୁବନେଶ୍ୱରର ୨ଶହରୁ ଉର୍ଦ୍ଧ୍ୱ ଆଇନଜୀବୀ ବିରୋଧ କରି ରାଜସ୍ୱ ସଚିବ, ଆଇଜିଆର, ଖୋର୍ଦ୍ଧା ଜିଲାପାଳ, ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ଓ ଡିଏସ୍‌ଆରଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିଛନ୍ତି।


**LIC HFL** LIC HOUSING FINANCE LTD

**ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିଃ.**
ଇପିକଲ ହାଉସ, ୬ଷ୍ଠ ମହଲା, ଆନେକ୍ସ ବିଲ୍ଡିଂ, ଜନପଥ, ଭୁବନେଶ୍ୱର - ୭୫୧୦୨୨

ପରିଶିଷ୍ଟ-୪ [ରୁଲ୍- ୮(୧)]
**ଦଖଲ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିଃ.**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ଆକ୍ଟ, ୨୦୦୨ ର ନିୟମ ୯ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର(ମାନ)ଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଡ଼ିମାଣ୍ଡ ନୋଟିସ୍‌ରେ ଦର୍ଶିତ ଅର୍ଥ ରାଶି ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା(ମାନେ) ତାଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍‌ର ରୁଲ୍ ୯ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନ ଦର୍ଶିତ ତାରିଖରେ ଦଖଲକୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ସେ ବାବଦ ସୁଧ ନିମନ୍ତେ **ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିଃ.** ନିକଟରେ ଉତ୍ତରଦାୟୀ ରହିବେ।

| ଋଣଗ୍ରହୀତା/ସହ-ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର(ମାନ)ଙ୍କ ନାମ ଓ ଠିକଣା/ ଆକାଉଣ୍ଟ ନଂ. | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ବକେୟା ଦେୟ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ନିତ୍ୟାନନ୍ଦ ମହାନ୍ତି (ପ୍ରାଇମେରୀ ଆପ୍ଲିକାଣ୍ଟ), ଗ୍ରାମ: ମୁଣ୍ଡମାଳ, ଯାଜପୁର ରୋଡ଼, ଯାଜପୁର, ଓଡ଼ିଶା-୭୫୮୦୪୨ / ଋଣ ଆକାଉଣ୍ଟ ନଂ.: ୨୧୧୭୦୦୦୦୧୨୮୫ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୩୪, ମୌଜା: ହସନପୁର, ଖାତା ନଂ.: ୪୫, ତହସିଲ: ଯାଜପୁର, ଗ୍ରାମ: ଖୋସାଲପୁର, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୮୦୪୨, ଭାରତ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୩୫/୨୦୫୯, ପଶ୍ଚିମ: ରାଧାଶ୍ୟାମ ଭୂୟାଁ, ମଦନ ଭୂୟାଁ, ଉତ୍ତର: ଗୋକୁଳାନନ୍ଦ ମହାନ୍ତି, କିଶୋର ମହାନ୍ତି, ଜୟ ଚନ୍ଦ୍ର ମହାନ୍ତି, ଦକ୍ଷିଣ: ସରକାରୀ ରାସ୍ତା | ୨୧.୦୭.୨୦୨୧ / ୦୪.୦୨.୨୦୨୨ | ଟ.୪୦,୧୬,୩୧୭.୨୪ + ସେ ବାବଦ ସୁଧ |

ତାରିଖ : ୦୮.୦୨.୨୦୨୨, ସ୍ଥାନ: ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିଃ. ଭୁବନେଶ୍ୱର

# ପ୍ରଥମ ପର୍ଯ୍ୟାୟରେ ୧୭ ଜାଗା ଆଖଡ଼ା ଉନ୍ନତି

ପୁରୀ ଅଫିସ,୮।୨:

ମୁକ୍ତା ଯୋଜନା ଅନୁଯାୟୀ ଶ୍ରୀକ୍ଷେତ୍ର ପୁରୀର ଜାଗା-ଆଖଡ଼ାର ପୁନରୁଦ୍ଧାର ଓ ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଜାଗା-ଆଖଡ଼ାରେ ଥିବା ବ୍ୟାୟାମଶାଳା, ପୋଖରୀ ଓ ଘରକୁ ନୂଆ ରୂପ ଦେବା ନେଇ ପ୍ରୟାସ ଆରମ୍ଭ ହୋଇଛି। ମୁକ୍ତା ଯୋଜନା ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୧୭ଟି ଜାଗା ଆଖଡ଼ାର ଉନ୍ନତୀକରଣ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ପ୍ରଶାସନର ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଉଛି। ଉଲ୍ଲେଖଯୋଗ୍ୟ, ସର୍ବମୋଟ୍ ୫୨ଟି ଜାଗା-ଆଖଡ଼ା ଘର ପୁରୀରେ ରହିଛି। ଶ୍ରୀକ୍ଷେତ୍ର ପରମ୍ପରା ସହ ଜଡ଼ିତ ଜାଗା ଆଖଡ଼ାରେ ସ୍ଥାନୀୟ ଯୁବକମାନେ ମଲ୍ଲଯୁଦ୍ଧ ଓ ବ୍ୟାୟାମ ଇତ୍ୟାଦି କରିଥାନ୍ତି। ଏହାଦ୍ୱାରା ଅନେକ ପ୍ରତିଯୋଗୀ ରାଜ୍ୟ ତଥା ରାଜ୍ୟ ବାହାରେ ସମ୍ମାନିତ ମଧ୍ୟ ହୋଇଛନ୍ତି। ଦୀର୍ଘଦିନ ଧରି ଜାଗା ଆଖଡ଼ାର ଭିତ୍ତିଭୂମି ଜରାଜୀର୍ଣ୍ଣ ହୋଇ ପଡ଼ିରହିଥିବା ବେଳେ ରାଜ୍ୟ ସରକାରଙ୍କ ପ୍ରୟାସକ୍ରମେ ଏହା ପୁଣିଥରେ ପୂର୍ବ ଗୌରବ ଫେରିପାଇବ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ଜିଲାପାଳ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୁକ୍ତା ଯୋଜନା ଓ କ୍ରୀଡ଼ା ବିଭାଗର ମିଳିତ ଉଦ୍ୟମରେ ଜାଗା-ଆଖଡ଼ାର ଭିତ୍ତିଭୂମି ବିକାଶ ସହ ଅର୍ଥନୈତିକ ଅଗ୍ରଗତି ଦିଗରେ ଧ୍ୟାନ ଦିଆଯାଉଛି। ବିଶେଷ ଭାବେ ଯୁବଗୋଷ୍ଠୀ ଶ୍ରୀକ୍ଷେତ୍ରର ଜାଗା ଆଖଡ଼ା ସହ ଓତପ୍ରୋତ ଭାବେ ଜଡ଼ିତ। ଏଣୁ ଦକ୍ଷତା ବିକାଶ ପାଇଁ ଜାଗା ଆଖଡ଼ାର ଉନ୍ନତି ଏକାନ୍ତ ଆବଶ୍ୟକ। ସେହିଭଳି ଜାଗା ଆଖଡ଼ା ପୂର୍ବ କଳେବରକୁ ଫେରୁଛି। ବ୍ୟାୟାମଶାଳା ସହ ମଲ୍ଲଯୁଦ୍ଧର ମଧ୍ୟ ଉନ୍ନତୀକରଣ କରାଯାଉଛି। ଜାଗାଘରଗୁଡ଼ିକରେ କଲ୍ୟାଣମଣ୍ଡପ ଲାଗି ବ୍ୟବସ୍ଥା କରାଯାଉଛି। ଫଳରେ ଜାଗା ଆଖଡ଼ା କର୍ତ୍ତୃପକ୍ଷଙ୍କୁ ଆର୍ଥିକ ସହାୟତା ମଧ୍ୟ ମିଳିପାରୁଛି ବୋଲି କହିଛନ୍ତି ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର। ସେହିଭଳି ଜାଗା ଆଖଡ଼ା କାନ୍ଥରେ ନାଗା, ମେଢ଼ ସମେତ ସାହିଯାତର ବିଭିନ୍ନ ଚିତ୍ର ଅଙ୍କନ କରାଯାଇଛି, ଯାହା ବିଶେଷ ଆକର୍ଷଣୀୟ ଦେଖାଯାଉଛି। ଏହାର ପୁନରୁଦ୍ଧାର ଓ ଉନ୍ନତୀକରଣ ନିହାତିପକ୍ଷେ ପ୍ରଶଂସନୀୟ ବୋଲି ଜାଗା ସମ୍ପାଦକ ଜିତେନ୍ଦ୍ର କୁମାର ମୁଦୁଲି କହିଛନ୍ତି। ତେବେ ପ୍ରଶାସନିକ ସ୍ତରରେ ମୁକ୍ତା ଯୋଜନାରେ ଅର୍ଥ ଖର୍ଚ୍ଚ ହେଉଥିବା ବେଳେ ଏହାର ଠିକ୍ ଉନ୍ନତି ହେବା ଆବଶ୍ୟକତା ରହିଛି। ଜାଗା ଆଖଡ଼ାକୁ ସ୍ୱୟଂସମ୍ପନ୍ନ କରିବା ଦିଗରେ ଧ୍ୟାନ ଦିଆଗଲେ ଆଗାମୀ ଦିନରେ ଏହାର ସାମଗ୍ରିକ ବିକାଶ ହୋଇପାରିବ ବୋଲି ବୁଦ୍ଧିଜୀବୀ ଚକ୍ରଧର ମହାପାତ୍ର କହିଛନ୍ତି।

- ମୁକ୍ତା ଯୋଜନାରେ ଚାଲିଛି ପୁନରୁଦ୍ଧାର କାର୍ଯ୍ୟ
- ନୂଆ ରୂପ ନେବ ବ୍ୟାୟାମଶାଳା, ପୋଖରୀ


ଦୁର୍ଦ୍ଦିନ ଅବସ୍ଥାରେ ଥିବା ଜାଗା ଆଖଡାର ଏକ ବ୍ୟାୟାମଶାଳ ।


ଏକ ଆଖଡାରେ ପିଲାମାନେ ମଲ୍ଲଯୁଦ୍ଧ କରୁଛନ୍ତି ।

## ସଂକ୍ଷେପରେ

### ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସ୍ମୃତିରେ ସ୍ମରଣିକା ଉନ୍ମୋଚନ

ପୁରୀ ଅଫିସ,୨।୮- ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦଶାହ ଉପଲକ୍ଷେ ଭିତର ସେବାୟତ ନିଯୋଗଠାରେ ମଙ୍ଗଳବାର ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ପୂଜ୍ୟ ପୂଜା ସମନ୍ୱୟ ସମିତି, ବୋଧି ଚକ୍ର ଓ ଚାଖିଖୁଣ୍ଟିଆ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ପ୍ରଥମେ ବେଦ ପାଠ ଓ ଭାଗବତ ପାଠ କରାଯାଇଥିଲା। ଏହି ଅବସରରେ "ସ୍ମୃତି ପରଦାରେ କୃଷ୍ଣଚନ୍ଦ୍ର" ସ୍ମରଣିକାକୁ ମଞ୍ଚାସୀନ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ସଭାରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂଜ୍ୟପୂଜା ସଂସଦର ସଭାପତି ଚକ୍ରଧର ମହାନ୍ତି, ସମ୍ପାଦକ ସିଦ୍ଧାର୍ଥ ରାୟ, ବୋଧିଚକ୍ର ସଭାପତି ଗିରିଜା ଶଙ୍କର ପାଢ଼ୀ, ଚାଖି ଖୁଣ୍ଟିଆଙ୍କ ବଂଶଧର ଭୀମସେନ ହଜୁରୀ, ଶିକ୍ଷାବିତ୍ ଧ୍ରୁବଚରଣ କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ କୃଷ୍ଣଚନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ମିଶ୍ର, ବଦ୍ରି ମିଶ୍ର, ପ୍ରଭାକର ତ୍ରିପାଠୀ, ଡ. ବଳରାମ ଦାସ, ଶିକ୍ଷକ ରଘୁନାଥ ମହାପାତ୍ର, ଶ୍ୟାମ ପ୍ରକାଶ ସେନାପତି, ଶିବସିନ୍ଧର୍ ମିଶ୍ର, ପ୍ରଭାକର ତ୍ରିପାଠୀ, ଡ.ବସନ୍ତ ପତି, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଶୈଳବାଳା ରଥ, ନିର୍ମଳା ଫତେସିଂହ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉମେଶ ଚନ୍ଦ୍ର ଦାସ ଓ ସୁକାନ୍ତ ପଣ୍ଡା ପରିଚାଳନା କରିଥିଲେ।

### ୫ନଂ. ଜୋନ୍ ଲାଗି ଦୁଇ ଦଳର ଟକ୍କର

କଣାସ, ୮।୨(ସ୍ୱ.ପ୍ର.)- କଣାସ ବ୍ଲକର ୫ ନମ୍ବର ଜୋନ୍‌ରେ ବିଏସ୍‌ପି ପକ୍ଷରୁ କରୁଣାକର ଦାସ, ସିପିଆଇ(ଏମ୍) ପକ୍ଷରୁ ଧନେଶ୍ୱର ସ୍ୱାଇଁ, ସ୍ୱାଧୀନ ଭାବେ ପ୍ରସନ୍ନ କୁମାର ପାଇକରାୟ, ଭାଜପା ପକ୍ଷରୁ ଲତାମଣି ଜଗଦେବ ଏବଂ ବିଜେଡି ପକ୍ଷରୁ ଲିଙ୍ଗରାଜ ସ୍ୱାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ହେଲେ ଏଠାରେ ମୁଖ୍ୟତଃ ଭାଜପା ଓ ବିଜେଡି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହେଉଥିବା ଦେଖିବାକୁ ମିଳିଛି। ଚଳିତ ନିର୍ବାଚନରେ କଂଗ୍ରେସର କୌଣସି ପ୍ରାର୍ଥୀ ନ ଥିବାରୁ କଂଗ୍ରେସ ଭୋଟ ହାତେଇବା ପାଇଁ ବିଜେଡି ଓ ଭାଜପା ପ୍ରାର୍ଥୀ ବହୁ କସରତ ଚଳାଇଛନ୍ତି। ବିଜେଡି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଲିଙ୍ଗରାଜ ସ୍ୱାଇଁଙ୍କ ସ୍ତ୍ରୀ ଦୀପ୍ତିରାଣୀ ୨୦୧୭ରେ ୫ ନମ୍ବର ଜୋନ୍‌ରୁ ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ୫ ନମ୍ବର ଜୋନ୍‌ରେ ଅଣ୍ଡାଳସିଂହ, ଆଳିବାଡ଼, କଣାସ, ଖଣ୍ଡହତା, ଗଡ଼ସାହି, ଗଡିଶାଗୋଦା, ଚୁପୁରିଙ୍ଗ, ବିଜିପୁର, ବିନ୍ଧଣ, ଜମଳଗୋଦା, ସିରେଇ ଆଦି ଗ୍ରାମପଞ୍ଚାୟତର ୪୨୪୨୦ଜଣ ଭୋଟର ସେମାନଙ୍କ ମତଦାନ କରିବେ।

## ଯାତ୍ରୀଙ୍କ ପର୍ସ ଲୁଟ୍, ଅଟୋଚାଳକ ଗିରଫ

ପୁରୀ ଅଫିସ,୮।୨:

ଯାତ୍ରୀଙ୍କଠାରୁ ପର୍ସ ଓ ଆସବାବପତ୍ର ନେଇ ପଳାଇଥିବା ଅଟୋଚାଳକଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସ୍ୱପ୍ନ ମଣ। ତାଙ୍କଠାରୁ ଏକ ଏୟାରବ୍ୟାଗ୍, ୧୯ ଶହ ନଗଦ ରାଶି ଓ ଅନ୍ୟ ଆସବାବପତ୍ର ଜବତ କରିଛି। ଏ ନେଇ ପୋଲିସ ପକ୍ଷରୁ ଏକ ମାମଲା (ନଂ.୨୮/୨୨) ରୁଜୁ ହୋଇଛି। ଭଦ୍ରକର ଚିତ୍ତରଞ୍ଜନ ନାୟକ କୁମ୍ଭାରପଡ଼ା ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ, ସୋମବାର ସେ ତାଙ୍କ ଦୁଇ ବନ୍ଧୁଙ୍କ ସହ ପୁରୀ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ସେଠାରୁ ରେଲ୍‌ୱେ ଷ୍ଟେଶନ୍ ପର୍ଯ୍ୟନ୍ତ ଯିବା ପାଇଁ ଅଟୋଚାଳକ ସ୍ୱପ୍ନ ତାଙ୍କଠାରୁ ୨ ଶହ ଟଙ୍କା ଭଡ଼ା ନେବା ପାଇଁ କଥା ହୋଇଥିଲା। ମାତ୍ର ଷ୍ଟେଶନରେ ଓହ୍ଲାଇବା ପରେ ଚାଳକ ଟଙ୍କା ନେବା ମାତ୍ରେ ଅଟୋରେ ଥିବା ତାଙ୍କର ସମସ୍ତ ଆସବାବପତ୍ର ସହ ମହାପ୍ରସାଦ ନେଇ ଘଟଣାସ୍ଥଳରୁ ଚାଲିଯାଇଥିଲେ। ଅଭିଯୋଗକାରୀ ଅଟୋ ନମ୍ବର (ଓଡ଼ି-୧୩-କେ-୨୨୦୩) ସମ୍ପର୍କରେ ପୋଲିସକୁ ଅବଗତ କରାଇଥିଲେ। ପୋଲିସ ତଦନ୍ତ କରି ଅଟୋଚାଳକଙ୍କୁ ଗିରଫ କରିଛି।

## ପୋଲିଂ ପାର୍ଟି ପାଇଁ ରିପୋର୍ଟିଂ ସ୍ଥଳ ତାଲିକା ପ୍ରକାଶ

ପୁରୀ ଅଫିସ,୮।୨:

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପୋଲିଂ ପାର୍ଟିର ଡ୍ୟୁଟି ରିପୋର୍ଟ ତାରିଖକୁ ଗୋଟିଏ ଦିନ ପୂର୍ବରୁ ଧାର୍ଯ୍ୟ କରାଯାଉ ବୋଲି ପୁରୀ ଜିଲା ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଦାବି କରିଥିଲା। ପୋଲିଂ ପାର୍ଟିଙ୍କର ଏହି ଦାବିକୁ ଜିଲା ପ୍ରଶାସନ ମାନି ନେଇଛନ୍ତି। ମଙ୍ଗଳବାର ଜିଲା ପ୍ରଶାସନ ବ୍ଲକ୍‌ୱାରୀ ରିପୋର୍ଟିଂ ସ୍ଥଳୀ ଘୋଷଣା କରିଛି। ଆସନ୍ତା ୧୬ରେ ବ୍ରହ୍ମଗିରି, କଣାସ, କୃଷ୍ଣପ୍ରସାଦର ୧୪ ପଞ୍ଚାୟତ(ଚିଲିକା ସାଇଟ୍)ଏବଂ କୃଷ୍ଣପ୍ରସାଦର ୭ ପଞ୍ଚାୟତ(ପୁରୀ ସାଇଟ୍)ରେ ଭୋଟ ଗ୍ରହଣ ହେବ। ତନ୍ମଧ୍ୟରୁ ବ୍ରହ୍ମଗିରି ବ୍ଲକ୍ ପାଇଁ ପୋଲିଂ ପାର୍ଟି ଆସନ୍ତା ୧୪ ତାରିଖ ମଧ୍ୟାହ୍ନ ୧୨ଟାରେ ରେବଣା ନୂଆଗାଁ ହାଇସ୍କୁଲ୍‌ରେ ରିପୋର୍ଟିଂ କରିବେ। କଣାସ ବ୍ଲକ୍ ପାଇଁ କଣାସ ହାଇସ୍କୁଲ୍‌ରେ, କୃଷ୍ଣପ୍ରସାଦର ୧୪ ପଞ୍ଚାୟତ ପାଇଁ କୃଷ୍ଣପ୍ରସାଦ ବ୍ଲକ୍ ଅଫିସ ଓ କୃଷ୍ଣପ୍ରସାଦ ଅଧୀନ ୭ ପଞ୍ଚାୟତ ପାଇଁ ପଞ୍ଚାୟତ କଲେଜରେ ପୋଲିଂ ପାର୍ଟି ମଧ୍ୟାହ୍ନ ୧୨ଟାରେ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ପରବର୍ତ୍ତୀ ପର୍ଯ୍ୟାୟ ନିର୍ବାଚନ ୧୮ ତାରିଖରେ ହେବ। ଗୋପ ପାଇଁ ଗୋପ ବ୍ଲକ ଅଫିସ୍, ନିମାପଡ଼ା ପାଇଁ ବାରବାଟୀ ଷ୍ଟାଡିୟମ୍, ନିମାପଡ଼ାରେ ପୋଲିଂ ପାର୍ଟି ଆସନ୍ତା ୧୬ ତାରିଖ ଅପରାହ୍ନ ୪ଟାରେ ପହଞ୍ଚିବେ। ଆସନ୍ତା ୨୦ରେ ପୁରୀ ସଦର ପାଇଁ ତାଳବଣିଆ ସରକାରୀ ଆଇଟିଆଇ, ସତ୍ୟବାଦୀ ପାଇଁ ଉତ୍କଳମଣି ଗୋପବନ୍ଧୁ ଦାସ ମହାବିଦ୍ୟାଳୟରେ ୧୮ ତାରିଖ ଅପରାହ୍ନ ୪ଟାରେ ରିପୋର୍ଟିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡେଲାଙ୍ଗ ନିମନ୍ତେ ବ୍ଲକ ଅଫିସ ଓ ପିପିଲି ଲାଗି ବ୍ଲକ୍ ଅଫିସ୍‌ରେ ପୋଲିଂ ପାର୍ଟି ୨୦ ତାରିଖ ମଧ୍ୟାହ୍ନ ୧୨ଟାରେ ୨୨ ତାରିଖ ନିର୍ବାଚନ ପାଇଁ ପହଞ୍ଚିବେ। ସେହିଭଳି ଶେଷ ପର୍ଯ୍ୟାୟରେ ଅସ୍ତରଙ୍ଗ ଓ କାକଟପୁର ପାଇଁ ୨୪ ତାରିଖରେ ମତଦାନ ହେବାକୁ ଥିବାବେଳେ ୨୨ ତାରିଖରେ ପୋଲିଂ ପାର୍ଟି ଯଥାକ୍ରମେ ଅସ୍ତରଙ୍ଗ ବ୍ଲକ ଅଫିସ ଓ କନ୍ଧାପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ପହଞ୍ଚିବା ନେଇ ପ୍ରଶାସନିକ ନିର୍ଦ୍ଦେଶନାମା ରହିଛି। ତେବେ ଧାର୍ଯ୍ୟ ତାରିଖରେ ପୋଲିଂ ପାର୍ଟି ରିପୋର୍ଟିଂ ସ୍ଥଳରେ ପହଞ୍ଚିବା ପରେ ନିଜ ନିଜ ପଞ୍ଚାୟତକୁ ଗସ୍ତ କରିବେ। ଏହା ପରଦିନ ବୁଥ୍ ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ସମୟ ମିଳିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

## ୧୧ରେ ରତ୍ନମୁଦ ଉତ୍ସବ

କୋଣାର୍କ, ୮।୨(ଡି.ଏନ୍.ଏ.)

କୋଣାର୍କସ୍ଥିତ ଭବ୍ୟ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ନିମନ୍ତେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୧୧ ତାରିଖରେ ରତ୍ନମୁଦ ଦିଆଯିବ ବୋଲି ଜଗନ୍ନାଥ ଟ୍ରଷ୍ଟବୋର୍ଡ ମୁଖ୍ୟ ଟ୍ରଷ୍ଟି ଅମରେଶ୍ୱର ନାୟକ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଜଗନ୍ନାଥ ଟ୍ରଷ୍ଟବୋର୍ଡ ରାଜାରାମ ମଠ କୋଣାର୍କ ପକ୍ଷରୁ ଜଗନ୍ନାଥ ସଂସ୍କୃତି ଏବଂ ମଠ ମନ୍ଦିର ସୁରକ୍ଷା ଓ ପ୍ରଚାର ପ୍ରସାର ଲକ୍ଷ୍ୟରେ ନିର୍ମାଣାଧୀନ ଭବ୍ୟ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ପାଳନ କରାଯିବ। କରୋନା କଟକଣା ମଧ୍ୟରେ ହେବାକୁ ଥିବା ଏହି ଉତ୍ସବରେ ଇନ୍ଦ୍ରଇନ୍ଦ୍ରାଣୀ ପୂଜା, ନୃସିଂହ ପୂଜା, ବାସୁଦେବ ପୂଜା, ବେଦପାଠ, ନାମ ସଂକୀର୍ତ୍ତନ ଏବଂ ଏକ ଲକ୍ଷ ଆହୁତି ହେବ। ମନ୍ଦିର ପୁରୋହିତ ବଳରାମ ଶତପଥୀ, ନିରଞ୍ଜନ ପତି ଓ ପୂଜକ ପ୍ରହ୍ଲାଦ ଦାଶ ପ୍ରମୁଖ ପଣ୍ଡିତମାନେ ପୂଜାର୍ଚ୍ଚନା କରିବେ ବୋଲି ଟ୍ରଷ୍ଟ ମୁଖ୍ୟ କହିଛନ୍ତି। ମନ୍ଦିର ଶିଳ୍ପୀ ବନୁ ମୁଦୁଲି, ମନୁ ମୁଦୁଲିଙ୍କ ସମେତ ସମସ୍ତ କାରିଗର ଏବଂ ଟ୍ରଷ୍ଟବୋର୍ଡ ସଭ୍ୟମାନେ ଉପସ୍ଥିତ ରହି କାର୍ଯ୍ୟ ସମାପନ କରିବେ। ଏହାକୁ ଟ୍ରଷ୍ଟବୋର୍ଡ ପରିଚାଳକ ନିରଞ୍ଜନ ବାରିକ ପରିଚାଳନା କରିବେ।

## ନିର୍ବାଚନ ରଣାଙ୍ଗନରେ ବିଧାୟକଙ୍କ ୫ ସମ୍ପର୍କୀୟ

କଣାସ, ୮।୨(ସ୍ୱ.ପ୍ର.)

ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ତାଙ୍କ ସ୍ତ୍ରୀ ଶୁଭ୍ରାନ୍ତି ସାମନ୍ତରାୟଙ୍କୁ କଣାସ ପଞ୍ଚାୟତ ସମିତିର ଅଧ୍ୟକ୍ଷା କରାଇବା ପାଇଁ ଗୋଟିଚାଳନା କରିଛନ୍ତି। ଏଥିପାଇଁ ତାଙ୍କୁ ଦୋଛିଆଁର ସମିତିସଭ୍ୟ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରାଇଛନ୍ତି। ଏହାସହ ବିଧାୟକ ନିଜ ସମ୍ପର୍କୀୟଙ୍କ ମଧ୍ୟରୁ ୫ଜଣଙ୍କୁ କଣାସ ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱୀ କରାଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ସମିତି ସଭ୍ୟ, ୨ଜଣ ସରପଞ୍ଚ ଓ ଜଣେ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଦୋଛିଆଁ ପଞ୍ଚାୟତରେ ଆଳିପଡ଼ା ଗ୍ରାମର ପ୍ରଶାନ୍ତ ମଙ୍ଗରାଜ ସରପଞ୍ଚ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିଭଳି ବଡାଳ ପଞ୍ଚାୟତରେ ସମିତିସଭ୍ୟ ଭାବେ ସଞ୍ଜୟ କୁମାର ମାନସିଂହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଗଡ଼ିଶାଗୋଦା ପଞ୍ଚାୟତରେ ବିଧାୟକଙ୍କ ଭାଣିଜୀଜ୍ୱାଇଁ ଶରତ ଜୟସିଂହ ସମିତିସଭ୍ୟ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଦିବ୍ୟସିଂହପୁରରେ ସରପଞ୍ଚ ପ୍ରାର୍ଥିନୀ ଭାବେ ମିନତି ବିଶ୍ୱାଳ ଛିଡ଼ା ହୋଇଛନ୍ତି। ୩ ନମ୍ବର ଜିଲା ପରିଷଦରୁ ବିଜେଡି ପ୍ରାର୍ଥିନୀ ଭାବେ ଛିଡା ହୋଇଛନ୍ତି ପ୍ରଣତି ଜେନା। ଏ ସମ୍ପର୍କରେ ବିଧାୟକ ସାମନ୍ତରାୟ କୁହନ୍ତି, କୌଣସି ବନ୍ଧୁବାନ୍ଧବଙ୍କୁ ମୁଁ ଠିଆ କରିନାହିଁ। ସେମାନେ ସେମାନଙ୍କ ଗ୍ରାମ ନିଷ୍ପତ୍ତି ଅନୁଯାୟୀ ପ୍ରାର୍ଥୀ ହୋଇଛନ୍ତି।


ସୁର ସମ୍ରାଜ୍ଞୀ ଭାରତ ରତ୍ନ ଲତା ମଙ୍ଗେସକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଭାସ୍କର ଶିଳ୍ପୀ ଶ୍ରୀଧର ଦାସଙ୍କ ଦ୍ୱାରା ପ୍ରସ୍ତୁତ ସ୍ୟାଣ୍ଡ ଆନିମେଶନ।

## ଦୁର୍ଦ୍ଧାନ୍ତ ସୁନା ଚୋର ଗିରଫ, ୩ ଫେରାର

କୋଣାର୍କ, ୮।୨(ଡି.ଏନ୍.ଏ)

ଦୀର୍ଘ ୧୦ବର୍ଷ ଧରି ପୁରୀ ଜିଲାରେ ଆତଙ୍କ ଚଳାଉଥିବା ଦୁର୍ଦ୍ଧାନ୍ତ ସୁନା ଚୋରକୁ କୋଣାର୍କ ପୋଲିସ ଧରିବାରେ ସଫଳ ହୋଇଛି। ସେ ହେଲେ ଏହି ଥାନା ଅଞ୍ଚଳର ନରେନ୍ଦ୍ର କାଣ୍ଡି ଓରଫ କାଳିଆ। ଏଥିସହ ପୋଲିସ କାଳିଆର ସାଥୀ ପ୍ରକାଶ ପାତ୍ର ଓରଫ କୁନାଙ୍କୁ ମଧ୍ୟ ଗିରଫ କରିଛି। ତାଙ୍କ ପାଖରୁ ୩ଟି ସୁନା ଚେନ୍, ଖଣ୍ଡା, କରୁରି ଓ ବିଦେଶୀ ମଦ ଜବତ ହୋଇଛି। ଦୁହିଙ୍କୁ ମଙ୍ଗଳବାର କୋଣାର୍କ କୋର୍ଟ ଚାଲାଣ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଖବରରୁ ପ୍ରକାଶ, ଗତ ୭ ତାରିଖରେ କୋଣାର୍କ ଥାନା ଏସ୍‌ଆଇ ତାଙ୍କ ଟିମ ସହିତ ପାଟ୍ରୋଲିଂ କରୁଥିବାବେଳେ ଚନ୍ଦ୍ରଭାଗା ନିକଟ ଜଙ୍ଗଲରେ କାଳିଆ ଓ ତା'ର ୪ ସାଥୀ ଚୋରି ଯୋଜନା କରୁଥିବା ସୂଚନା ପାଇଥିଲେ। ପୋଲିସ ତୁରନ୍ତ ସେଠାରେ ପହଞ୍ଚି ୨ଜଣଙ୍କୁ ଧରିଥିଲା। ହେଲେ ତାଙ୍କ ସାଥୀରେ ଥିବା ୩ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଭୁବନେଶ୍ୱର ଓ ପୁରୀ ଜିଲାର ବାଳିପାଟଣା, ଗୋପ, କାକଟପୁର, ବାଲିଅନ୍ତା ଆଦି ବିଭିନ୍ନ ଅଞ୍ଚଳରୁ ଲକ୍ଷ ଲକ୍ଷ ଟଙ୍କାର ସୁନାଗହଣା ଚୋରି କରିଥିବା ପୋଲିସ ଜାଣିବାକୁ ପାଇଛି। କାଳିଆ ନାମରେ ବିଭିନ୍ନ ଥାନାରେ ୩୫ରୁ ଅଧିକ ମାମଲା ରହିଛି। ସେ ସୁନା ଚୋରି କରି କୋଣାର୍କ, ଗୋପ ଅଞ୍ଚଳରେ ବିଭିନ୍ନ ଲୋକଙ୍କୁ ବିକ୍ରି କରୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୋଲିସ କେସ୍ ନଂ ୩୯୯/୪୦୨ ସହିତ ୨୫ଆର୍ମ ଆକ୍ଟରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଆଇଆଇସି ରଞ୍ଜନ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

- ସୁନା ଚେନ, ଖଣ୍ଡା ଜବତ
- ଅଭିଯୁକ୍ତଙ୍କ ନାଁରେ ୩୫ ମାମଲା


ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ସୂଚନା ଦେଉଛନ୍ତି ।

## ଧନୁଆଁ, ଅଲଣ୍ଡା ପଞ୍ଚାୟତ ଲାଗି ଟକ୍କର

ନିମାପଡ଼ା,୮।୨(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ନିମାପଡ଼ା ବ୍ଲକର ୧୯ ନଂ. ଜିଲା ପରିଷଦ ଜୋନ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତର ୧୩ଟି ୱାର୍ଡ ଓ ଧନୁଆଁ ପଞ୍ଚାୟତର ୧୬ଟି ୱାର୍ଡ ପାଇଁ ନିର୍ବାଚନ ପ୍ରଚାର ଓ ରାଜନୈତିକ ବାତାବରଣ ସରଗରମ ହୋଇଉଠିଛି। ଏହି ୨ଟି ପଞ୍ଚାୟତରେ ବିଜେଡି ଦଳର ଜିଲା ପରିଷଦ ପ୍ରାର୍ଥୀ ପ୍ରଦୀପ୍ତ କୁମାର ଖଟୋଇ ଓ ଭାଜପାର ଜିଲା ପରିଷଦ ପ୍ରାର୍ଥୀ ବିଜୟ କୁମାର ପଣ୍ଡାଙ୍କ ମଧ୍ୟରେ କଡ଼ା ଟକ୍କର ଚାଲିଛି। ସେହିଭଳି ଉଭୟ ଦଳର ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ଭୋଟ ପାଇଁ କସରତ ଚାଲିଛି। ଧନୁଆଁ ପଞ୍ଚାୟତରେ ସରପଞ୍ଚ ପଦବୀ ନିମନ୍ତେ ଦୁଇଜଣ ମହିଳା ପ୍ରାର୍ଥୀ ନମିତା ସାହୁ ଓ ମମତା ପରିଡ଼ା ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ବେଳେ ଜୋରସୋରରେ ପ୍ରଚାର ଚଳାଇଛନ୍ତି। ଏହି ପଞ୍ଚାୟତରେ ସମିତିସଭ୍ୟ ପଦବୀ ନିମନ୍ତେ ପରେଶ କୁମାର ଜେନା ଓ ଜୟଦେବ ସ୍ୱାଇଁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସେହିପରି ଅଲଣ୍ଡା ପଞ୍ଚାୟତରେ ସରପଞ୍ଚ ପଦବୀ ନିମନ୍ତେ ପ୍ରମିଳା ଦାସ ଓ ବନ୍ଦିତା ମଙ୍ଗରାଜଙ୍କ ମଧ୍ୟରେ ମୁକାବିଲା ହେଉଥିବା ବେଳେ ସମିତିସଭ୍ୟ ପଦବୀ ପାଇଁ ୩ଜଣ ପ୍ରାର୍ଥୀ ଥିବାବେଳେ ମୁଖ୍ୟତଃ ବିଜୟ କୁମାର ପରିଡ଼ା ଓ ପ୍ରଗତି ବରାଳଙ୍କ ମଧ୍ୟରେ କଡ଼ା ମୁକାବିଲା ହେଉଛି।

ଏହି ୨ ପଞ୍ଚାୟତର ୨୯ଟି ୱାର୍ଡରେ ଜୋନର ବିଜେଡି ଜିଲା ପରିଷଦ ପ୍ରାର୍ଥୀ ପ୍ରଦୀପ କୁମାର ଖଟୋଇ ଓ ସରପଞ୍ଚ ପ୍ରାର୍ଥୀ ପ୍ରମିଳା ଦାସ, ସମିତିସଭ୍ୟ ପ୍ରାର୍ଥୀ ବିଜୟ କୁମାର ପରିଡ଼ା ସୁସଜ୍ଜିତ ଗାଡ଼ିରେ ଡାକବାଜି ଯନ୍ତ୍ରରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ, ଗ୍ରାମାଞ୍ଚଳର ବିକାଶ, ଗଣଶିକ୍ଷା ମନ୍ତ୍ରୀଙ୍କ ନେତୃତ୍ୱକୁ ପାଥେୟ କରି ପ୍ରଚାର କରି ଶତାଧିକ ଦଳୀୟ କର୍ମୀଙ୍କ ବାଇକ୍ ଶୋଭାଯାତ୍ରାରେ ପରିକ୍ରମା କରି ପଥପ୍ରାନ୍ତ ସଭା ଜରିଆରେ ଭୋଟ ଭିକ୍ଷା କରୁଛନ୍ତି। ସେହିପରି ଭାଜପା ଦଳର ଜିଲା ପରିଷଦ ପ୍ରାର୍ଥୀ ବିଜୟ କୁମାର ପଣ୍ଡା, ସରପଞ୍ଚ ପ୍ରାର୍ଥୀ ବନ୍ଦିତା ମଙ୍ଗରାଜ ଓ ସମିତିସଭ୍ୟ ପ୍ରାର୍ଥୀ ପ୍ରଗତି ବରାଳ ପଞ୍ଚାୟତର ପ୍ରତି ୱାର୍ଡରେ ପଦଯାତ୍ରାରେ କରି ଘର ଘର ବୁଲି ରାଜ୍ୟ ସରକାରଙ୍କ କୁଶାସନ, ବିଭିନ୍ନ ଦୁର୍ନୀତି ବିରୋଧରେ କହିବା ସହ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା, ବିକାଶମୂଳକ କାର୍ଯ୍ୟର ନାରା ଦେଇ ପ୍ରଚାର ଅଭିଯାନ ଚଳାଇଛନ୍ତି। ଧନୁଆଁ ପଞ୍ଚାୟତଟି ଗତଥର ଭାଜପା କବ୍‌ଜାରେ ରହିଥିବା ବେଳେ ପୁନଶ୍ଚ ଏହି ପଞ୍ଚାୟତକୁ ଭାଜପା ଦଖଲ କରିବ ବୋଲି ନେତା ସନ୍ତୋଷ ପରିଡ଼ା, ବିଜୟାନନ୍ଦ ଜେନା, ବିଚିତ୍ରାନନ୍ଦ ପରିଡ଼ା, ଅରୁଣାପ୍ରିୟା ଭୋଇ, ଅନିତା ରାମ, ବିଜୟ ପ୍ରଧାନ, କରିମ ଖାଁ ଆଶା ପ୍ରକାଶ କରିଛନ୍ତି। ସେହିଭଳି ଚଳିତଥର ଅଲଣ୍ଡା ପଞ୍ଚାୟତରେ ପରିବର୍ତ୍ତନର ହାୱା ବହିଲାଣି, ବିଜେଡି ଦଳର ନେତାଙ୍କ ଉପରେ ପଞ୍ଚାୟତବାସୀ ଅତିଷ୍ଠ ହୋଇଥିବାରୁ ଏଥର ଗଡ଼ ଭାଜପାକୁ ଆସିବ ବୋଲି ନେତା ନୀଳାଦ୍ରିନାଥ ମଙ୍ଗରାଜ, ଅର୍ଜୁନ ରାଉତ, ସୂର୍ଯ୍ୟକାନ୍ତ ସେନାପତି, ଝରଣା ସାହୁ, ପ୍ରତିମା ସ୍ୱାଇଁ ପ୍ରମୁଖ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

- ବିଜେଡିର ବାଇକ୍ ଶୋଭାଯାତ୍ରାରେ ପ୍ରଚାର
- ଭାଜପା ପଦଯାତ୍ରା କରି ଭୋଟ ଭିକ୍ଷା କରୁଛି

## ବିଜେଡିରେ ସାମିଲ କଂଗ୍ରେସ କର୍ମୀ

ଗୋପ, ୮।୨ (ଡି.ଏନ୍.ଏ.)

ଗୋପ ପେଟ୍ରୋଲ ପମ୍ପ ନିକଟରେ ବିଜେଡିର ଏକ ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ଦୃଢ଼ ନେତୃତ୍ୱ ଯୋଗୁ ପ୍ରତି ଗ୍ରାମାଞ୍ଚଳ ବିକଶିତ ହୋଇଛି ବୋଲି ସୂଚନା ଦେଇଥିଲେ। ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ଯୁବ ନେତା ପୂର୍ଣ୍ଣେଶ କୁମାର ସେନାପତିଙ୍କ ସଭାପତିତ୍ୱରେ ବସ୍ତିର ଯୁବନେତା ସର୍ଫରାଜ ତୁଲ୍ଲା, ଶେଖ୍ ତାଲିମ୍, ଶେଖ୍ ମୁସ୍ତାକ୍ ଅଲ୍ଲିଙ୍କ ନେତୃତ୍ୱରେ ଗୋପ ମୁସଲମାନ ବସ୍ତିର ୪ ଗୋଟି ୱାର୍ଡର ଶତାଧିକ କଂଗ୍ରେସ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ସାଙ୍ଗକୁ ଓ ସମୀର ରଞ୍ଜନ ଦାଶଙ୍କ ବଳିଷ୍ଠ ନେତୃତ୍ୱକୁ ନେଇ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡିରେ ଯୋଗଦେଇଥିବା ନୂତନ କର୍ମୀମାନଙ୍କୁ ବିଜେଡି ପତାକା ଦେଇ ସ୍ୱାଗତ କରିବା ସହ ଦଳରେ ସାମିଲ କରିଥିଲେ। ପରେ ମନ୍ତ୍ରୀ ଦାଶ ଗୋପ ଅଞ୍ଚଳର ବିଜେଡି ସମର୍ଥିତ ବିଭିନ୍ନ ପ୍ରାର୍ଥୀମାନଙ୍କୁ ନେଇ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରିଥିଲେ ।


ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଜେଡି ସମର୍ଥିତ ପ୍ରାର୍ଥୀମାନଙ୍କୁ ନେଇ ପ୍ରଚାର କରୁଛନ୍ତି ।

LIC HFL
LIC HOUSING FINANCE LTD

ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିଃ.
ଇପିକଲ ହାଉସ୍, ୬ଷ୍ଠ ମହଲା, ଆନେକ୍ସ ବିଲ୍ଡିଂ, ଜନପଥ, ଭୁବନେଶ୍ୱର - ୭୫୧୦୨୨

ପରିଶିଷ୍ଟ-୪ [ରୁଲ୍- ୮(୧)]
ଦଖଲ ବିଜ୍ଞପ୍ତି
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିଃ.**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ଆକ୍ଟ, ୨୦୦୨ ର ନିୟମ ୯ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର(ମାନ)ଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଡ଼ିମାଣ୍ଡ ନୋଟିସ୍‌ରେ ଦର୍ଶିତ ଅର୍ଥ ରାଶି ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା(ମାନେ) ତାଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍‌ସର ରୁଲ୍ ୯ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନ ଦର୍ଶିତ ତାରିଖରେ ଦଖଲକୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ସେ ବାବଦ ସୁଧ ନିମନ୍ତେ **ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିଃ.** ନିକଟରେ ଉତ୍ତରଦାୟୀ ରହିବେ।

| ଋଣଗ୍ରହୀତା/ସହ-ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର(ମାନ)ଙ୍କ ନାମ ଓ ଠିକଣା/ ଆକାଉଣ୍ଟ ନଂ. | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ବକେୟା ଦେୟ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ନିତ୍ୟାନନ୍ଦ ମହାନ୍ତି (ପ୍ରାଇମେରୀ ଆପ୍ଲିକାଣ୍ଟ), ଗ୍ରାମ: ମୁଣ୍ଡମାଳ, ଯାଜପୁର ରୋଡ୍, ଯାଜପୁର, ଓଡ଼ିଶା-୭୫୮୦୫୨ / ଋଣ ଆକାଉଣ୍ଟ ନଂ.: ୨୧୧୬୦୦୦୦୧୨୮୫ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୩୪, ମୌଜା: ହସନପୁର, ଖାତା ନଂ.: ୪୫, ତହସିଲ: ଯାଜପୁର, ଗ୍ରାମ: ଖୋସାଲପୁର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୮୦୫୨, ଭାରତ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୩୫/୨୦୫୯, ପଶ୍ଚିମ: ରାଧାଶ୍ୟାମ ଭୂୟାଁ, ମଦନ ଭୂୟାଁ, ଉତ୍ତର: ଗୋକୁଳାନନ୍ଦ ମହାନ୍ତି, କିଶୋର ମହାନ୍ତି, ଜୟ ଚନ୍ଦ୍ର ମହାନ୍ତି, ଦକ୍ଷିଣ: ସରକାରୀ ରାସ୍ତା | ୨୧.୦୭.୨୦୨୧ / ୦୪.୦୨.୨୦୨୨ | ଟ.୪୦,୧୬,୩୧୭.୨୪ + ସେ ବାବଦ ସୁଧ |

ତାରିଖ : ୦୮.୦୨.୨୦୨୨, ସ୍ଥାନ: ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିଃ. ଭୁବନେଶ୍ୱର

## ସଂକ୍ଷେପରେ

### ଡ୍ରେନ୍ ନିର୍ମାଣ ପାଇଁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି

ଫୁଲନଖରା, ୮ା୨(ଡି.ଏନ୍.ଏ.): ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି)ର ୪ ନମ୍ବର ୱାର୍ଡ ଅନ୍ତର୍ଗତ ନଖରା ଗ୍ରାମର ପ୍ରବେଶପଥରୁ ପଞ୍ଚୁସାହି ପର୍ଯ୍ୟନ୍ତ ଡ୍ରେନ୍ ନ ଥିବାରୁ ବର୍ଷାଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିଲା। ରାସ୍ତାରେ ପାଣି ଜମି ରହିବାରୁ ଗ୍ରାମବାସୀ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ସେମାନେ ସ୍ଥାନୀୟ ବିଧାୟକ, ବିଏମ୍ସି କମିଶନରଙ୍କ ନିକଟରେ ଅଭିଯୋଗ କରୁଥିଲେ। ଏହି ସମସ୍ୟାରେ ସୁଧାର ଆଣିବା ପାଇଁ ମଙ୍ଗଳବାର ବିଏମ୍ସି ଡ୍ରେନେଜ ବିଭାଗ ନିର୍ବାହୀଯନ୍ତ୍ରୀ ଶୋଭନ କୁମାର ପାତ୍ର ଘଟଣାସ୍ଥଳ ପରିଦର୍ଶନ କରିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ଡ୍ରେନ୍ ନିର୍ମାଣ କରାଯିବ ବୋଲି ପାତ୍ର ପ୍ରତିଶ୍ରୁତି ଦେଇଥିଲେ। ଏହି ପରିଦର୍ଶନବେଳେ ବିଜେଡି ନେତା ସାକ୍ଷର ରଞ୍ଜନ ମହାନ୍ତି, ଗ୍ରାମ୍ୟ କମିଟି ସମ୍ପାଦକ ରଙ୍କନିଧି ସାହୁ, ସୁକାନ୍ତ ସାହୁ, ସୁବାସ ଚନ୍ଦ୍ର ସାହୁ, ନିରଞ୍ଜନ ସାହୁ, ଅଚ୍ୟୁତାନନ୍ଦ ସାହୁ, ବ୍ରହ୍ମାନନ୍ଦ ସାହୁ, ଅଶୋକ ଭୋଇ, ବିନୋଦ ବିହାରୀ ଭୋଇ ଉପସ୍ଥିତ ଥିଲେ।

### ସୁନାଦୁବର ପ୍ରତିଷ୍ଠା ଦିବସ

କଟକ ଅଫିସ, ୮ା୨: ସାମାଜିକ ଅନୁଷ୍ଠାନ ସୁନାଦୁବର ପ୍ରତିଷ୍ଠା ଦିବସ କଟକ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହାକୁ କୁଟୀରର ତତ୍ତ୍ୱାବଧାରକ ସୁବାସ ଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡା. ରବି ରଞ୍ଜନ ସାହୁ, ମୁଖ୍ୟବକ୍ତା ସଂଗ୍ରାମ କେଶରୀ ନାୟକ, ସମ୍ମାନିତ ଅତିଥି ଭାବେ ସୁଲତା ପଣ୍ଡା ଯୋଗଦେଇଥିଲେ। ସୁଷମା ବାରିକ ସ୍ୱାଗତ ଭାଷଣ, ପୂର୍ଣ୍ଣଚନ୍ଦ୍ର ସାହୁ ବିବରଣୀ ପାଠ ଓ ମଞ୍ଜୁଲତା ଜେନା ଧନ୍ୟବାଦ ଦେଇଥିଲେ।

### ବିଜେଡିର ମିଶ୍ରଣ ପର୍ବ

ବାଙ୍କୀ,୮ା୨(ସ୍ୱ.ପ୍ର.): ଡମପଡ଼ାସ୍ଥିତ ବାଘୁଆ ସଅର ସାହିରେ ବାଙ୍କୀ ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବାଘୁଆର ଅନିଲ ନାୟକ, ତିଲୁଆ ନାୟକ, ବିଜୁ ସ୍ୱାଇଁ, ବିଶ୍ୱଜିତ୍ ନାୟକଙ୍କ ସମେତ ୨୬ ଜଣ ବିଜେଡିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମାନସ କୁମାର ଧଳ, ସମୀର କୁମାର ଧଳ, ଅଜିତ୍ କୁମାର ବେହେରା ପ୍ରଭୃତି ଉପସ୍ଥିତ ଥିଲେ ।

### ବରିଷ୍ଠ ନାଗରିକ କ୍ଲବ୍ ଉପଦେଷ୍ଟାଙ୍କ ପରଲୋକ

ଚୌଦ୍ୱାର,୮ା୨(ଡି.ଏନ୍.ଏ.): ଚୌଦ୍ୱାର ବରିଷ୍ଠ ନାଗରିକ କ୍ଲବ୍‌ର ମୁଖ୍ୟ ଉପଦେଷ୍ଟା, ଚୌଦ୍ୱାର ଲେବର ଟେନାମେଣ୍ଟ ଉନ୍ନୟନ ପରିଷଦର ପୂର୍ବତନ ଉପଦେଷ୍ଟା, ହାଉସିଂ ବୋର୍ଡ ଉନ୍ନୟନ ପରିଷଦର ପୂର୍ବତନ ସଭାପତି ଓ ଚୌଦ୍ୱାର ପୌରପାଳିକାର ଅବସରପ୍ରାପ୍ତ ଟିକସ ଅଧିକାରୀ କୁମରବର ସ୍ୱାଇଁ(୮୪)ଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଖବର ମିଳିବା ପରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ କାଉନସିଲର ଶୁଭେନ୍ଦୁ ସାମଲ, ମାନସ ରଞ୍ଜନ ସାମନ୍ତରାୟଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ହାଉସିଂ ବୋର୍ଡସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ହାଉସିଂ ବୋର୍ଡ, ଟେନାମେଣ୍ଟ, ଚାର୍‌ବାଟିଆ ଅଞ୍ଚଳ ପରିକ୍ରମା କରାଯାଇ ବଧି ଶ୍ମଶାନରେ ସତ୍କାର କରାଯାଇଥିଲା। ପୁତ୍ର ସତ୍ୟାନନ୍ଦ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସେ ଜଣେ ପରୋପକାରୀ ଓ ସେବାପରାୟଣ ବ୍ୟକ୍ତି ଥିଲେ। ସେ ସ୍ଥାନୀୟ ଅଞ୍ଚଳର ବହୁ ସାମାଜିକ, ରାଜନୈତିକ, ସାଂସ୍କୃତିକ ଓ ଆଧାତ୍ମିକ ଅନୁଷ୍ଠାନ ସହିତ ଜଡ଼ିତ ରହି ଜନହିତକର କାର୍ଯ୍ୟ କରିଯାଇଛନ୍ତି।

# ପୁରାଣ କଥା କହେ ବିରାଟ ଗାଦି



ଚୌଦ୍ୱାର ଅଞ୍ଚଳରେ ଥିବା ବଧି ପାର୍କ



ଜୈନ ଧର୍ମାବଲମ୍ବୀମାନଙ୍କ ଦ୍ୱାରା ନିର୍ମିତ ଗୁମ୍ଫା।

**କିପରି ଯିବେ**

କଟକରୁ ବିରାଟ ଗାଦିର ଦୂରତା ୧୬ କି.ମି.। ସେଠାକୁ ଯିବାକୁ ହେଲେ କଟକରୁ ଚାରବାଟିଆ ବସ୍ ବ୍ୟବସ୍ଥା ରହିଛି। ଚାରବାଟିଆ ପୂର୍ବରୁ ଓଟିଏମ୍ ଛକ କିମ୍ବା ଚୌଦ୍ୱାର ମଣ୍ଡଳ କାରାଗାର ନିକଟରୁ ଅଟୋ ଅଥବା ଚାଲି ଚାଲି ଉକ୍ତ ସ୍ଥାନକୁ ଯାଇପାରିବେ।

**ନିକଟବର୍ତ୍ତି ସ୍ଥାନ**

ବିରାଟ ଗାଦି ନିକଟରେ ଅନେକ ସ୍ଥାନ ରହିଛି। ଏଠାରୁ ୨ କି.ମି. ଦୂରରେ ବୈଦେଶ୍ୱର ମନ୍ଦିର, ୨.୪ କି.ମି. ଦୂରରେ ବୁଢ଼ାଲିଙ୍ଗ ମନ୍ଦିର, ୧୪ କିମି ଦୂରରେ ଡମଡମଣିପୀଠ ଓ ୨୨ କି.ମି. ଦୂରରେ ପଞ୍ଚୁପାଣ୍ଡବ ମନ୍ଦିର ରହିଛି।

କଟକ ଅଫିସ, ୮ା୨

ପ୍ରାଚୀନ ଇତିହାସ ସହ ଜଡିତ ହୋଇ ରହିଛି କଟକ ଜିଲାରେ ଅନେକ ସ୍ଥାନ। ସେଥିମଧ୍ୟରେ କଟକ ଜିଲା ଚୌଦ୍ୱାର ଅଞ୍ଚଳର ବିରାଟ ଗାଦି(ବଧି ପାର୍କ) ଅନ୍ୟତମ। ଏଠାରେ ହିନ୍ଦୁ, ବୌଦ୍ଧ ଓ ଜୈନ ଧର୍ମର ଅନେକ କୀର୍ତ୍ତିରାଜି ରହିଛି। କିମ୍ବଦନ୍ତୀ ଅନୁଯାୟୀ, ବିରାଟ ରାଜାଙ୍କ ରାଜଧାନୀ ଥିଲା ବିରାଟ-କଟକ (ଏବେକାର ଚୌଦ୍ୱାର)। ସେଠାରେ ଏକ ବିରାଟ ଗାଦି ରହିଥିଲା। ପଞ୍ଚୁପାଣ୍ଡବ ଅଜ୍ଞାତବାସ ସମୟରେ ଏହିଠାରେ ଅବସ୍ଥାନ କରିଥିଲେ।

୨୦୦୩ରେ ଚୌଦ୍ୱାର ଅଞ୍ଚଳରେ

**ଜୈନ ଧର୍ମାବଲମ୍ବୀ ନିର୍ମାଣ କରିଥିଲେ ୩ ଗୁମ୍ଫା**

ଥିବା ଐତିହାସିକ କୀର୍ତ୍ତିରାଜିର ସନ୍ଧାନ ନିମନ୍ତେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ) ପକ୍ଷରୁ ଖନନ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଖନନ ବେଳେ ବୌଦ୍ଧ ସ୍ତୁପ ଦେଖିବାକୁ ମିଳିଥିଲା। ଚୌଦ୍ୱାର ସର୍କଲ ଜେଲ ନିକଟ ଅଞ୍ଚଳକୁ ଏଏସ୍ଆଇ ପକ୍ଷରୁ ସଂରକ୍ଷିତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ୫୪ ଏକର ଜମିରେ ବିସ୍ତୃତ ବିରାଟ ଗାଦିକୁ ସଂରକ୍ଷିତ ଅଞ୍ଚଳ ଭାବେ ଘୋଷଣା କରାଯାଇଥିବାବେଳେ ସେଥିମଧ୍ୟରୁ ପ୍ରାୟ ୧୦ ଏକର ଜମିରେ ତାରବାଡ଼ ଘେରାଯାଇଛି। ୨୦୦୭ରେ ଏହାର ଖନନବେଳେ ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ଦେଉଳର ଅବଶେଷ ଦେଖିବାକୁ ମିଳିଥିଲା। ଏହାର ଆକୃତି ଦେଉଳର ଜଗମୋହନ (ନାଟ୍ୟ ମନ୍ଦିର) ଭଳି ପ୍ରତୀୟମାନ ହେଉଥିଲା। ତେବେ ଏହି ସ୍ଥାନ ଖନନ ସମୟରେ ଅନେକ ବୌଦ୍ଧ ପ୍ରତିମୂର୍ତ୍ତି ମିଳିଥିବାରୁ ଏହାକୁ ବଧି ପାର୍କ ମଧ୍ୟ କୁହାଯାଏ। ବିରାଟ ଗାଦି ସମ୍ମୁଖ ଭାଗ ଦେଢ କି.ମି. ମଧ୍ୟରେ ୩ଟି ଗୁମ୍ଫା ରହିଛି, ଯାହା ଜୈନ ଧର୍ମାବଲମ୍ବୀମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଗୁମ୍ଫାରେ ବୌଦ୍ଧ ଧର୍ମାବଲମ୍ବୀମାନେ ରହୁଥିଲେ ବୋଲି କୁହାଯାଏ।



“ ଦ୍ୱାପରଯୁଗରୁ ଏହି ସ୍ଥାନ ରହିଥିବା ପୌରାଣିକ କିମ୍ବଦନ୍ତୀ ରହିଛି । ଏହି ଅଞ୍ଚଳ ମତ୍ସ୍ୟଦେଶ ରାଜା ବିରାଟଙ୍କ ଗଡ଼ ଥିଲା। ଅପରପକ୍ଷେ ଏଏସ୍ଆଇ ରେକର୍ଡରେ ଏହାକୁ ବୌଦ୍ଧ ପୀଠ ବୋଲି ଦର୍ଶାଯାଇଛି। ତେବେ ଏହା ପଛରେ ପ୍ରକୃତ ସତ୍ୟାତା କ'ଣ ରହିଛି ସେ ବିଷୟରେ ଠିକ ଭାବରେ କାହାକୁ ଜଣାନାହିଁ।

**ରତ୍ନାକର ବାରିକ, ଦାୟିତ୍ୱରେ ଥିବା କର୍ମଚାରୀ**



“ ମହାଭାରତ ସହିତ ଏହି ସ୍ଥାନର ସମ୍ପୃକ୍ତି ରହିଛି । ଏହାର ଆଖପାଖରେ ଅନେକ ଐତିହାସିକ ସ୍ଥାନ ରହିଛି। ଏହି ବିରାଟ ଗାଦି ସହ ଜଡିତ ରହିଛି ଏକ ଶିବ ମନ୍ଦିର। ଉକ୍ତ ମନ୍ଦିର ଦ୍ୱାପରଯୁଗର ବୋଲି ବିଶ୍ୱାସ ରହିଛି।

**ବିଜୟ କୁମାର ସାହୁ, ସ୍ଥାନୀୟ ବାସିନ୍ଦା**



“ ବହୁ ଓଡ଼ିଆ ଐତିହାସିକ ଚୌଦ୍ୱାର ଅଞ୍ଚଳର ବୌଦ୍ଧ କୀର୍ତ୍ତିରାଜି ବିଷୟରେ ଲେଖିଛନ୍ତି। ବିରାଟଗାଦି ସ୍ଥାନ ହେଉଛି ଏକ ପ୍ରାଚୀନ ବୌଦ୍ଧପୀଠ। ଏହା ନିକଟରେ ପ୍ରାଚୀନ ମଠର ଅଂଶବିଶେଷ ରହିଛି। ଅନେକ ବୌଦ୍ଧ ମୂର୍ତ୍ତି ଆଖପାଖରେ ଗ୍ରାମରେ ସ୍ଥାପନ କରି ପୂଜା କରାଯାଉଛି।

**ଅନିଲ ଧୀର, ଗବେଷକ**

## ଚେକ୍‌ଡ୍ୟାମ୍‌ରୁ ଜଳ ନିଷ୍କାସନ କରିବାକୁ ଆସି କର୍ମଚାରୀ ହଟହଟା

କଣ୍ଟାପଡା, ୮ା୨(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ନାହାଳପୁର ପଞ୍ଚାୟତ ଟିଙ୍ଗୁଡିଆ ନାଳିର ଗେଲପୁର ଗ୍ରାମ ବନାବର ନିକଟରେ ଥିବା ଚେକ୍‌ଡ୍ୟାମ୍‌ରୁ ଜଳ ନିଷ୍କାସନ ପାଇଁ ଆସି ଡ୍ରେନେଜ ବିଭାଗର କର୍ମଚାରୀଙ୍କୁ ହଟହଟା ହେବାକୁ ପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଜାଇଁଲୋ, ଗେଲପୁର, ଗୋଗଳ, ନାହାଳପୁର, ଯୋହଳ, ଗୁଣାଦୋଳ ଆଦି ଗ୍ରାମର ଚାଷୀମାନେ ପନିପରିବା ଚାଷ ପାଇଁ ଉକ୍ତ ଚେକ୍‌ଡ୍ୟାମ୍ ଉପରେ ନିର୍ଭର କରିଥାନ୍ତି। ତେବେ କଟକ ଜିଲା ସଂହଳ ନିକଟରେ ଏକ ପୋଲ ନିର୍ମାଣ ପାଇଁ ଉକ୍ତ ନାଳୀରୁ ପାଣି ଶୁଖିବା ଆବଶ୍ୟକତା ରହିଛି। ତେଣୁ କଟକ ଜିଲା ଡ୍ରେନେଜ ବିଭାଗର କର୍ମଚାରୀମାନେ ଗୋବିନ୍ଦପୁର ପୋଲିସ ସହାୟତାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟାରେ ଉକ୍ତ ଚେକ୍‌ଡ୍ୟାମ୍ ଗେଟ୍ ଖୋଲି ଜଳ ନିଷ୍କାସନ କରୁଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ପହଞ୍ଚି ଉକ୍ତ କର୍ମଚାରୀମାନଙ୍କୁ ବିରୋଧ କରିବାରୁ ସେମାନେ ଗେଟ୍ ବନ୍ଦ କରି ଚାଲି ଯାଇଥିଲେ। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ଗୀତାଞ୍ଜଳି ବେହେରାଙ୍କୁ ପଚାରିବାରୁ ଉପରମୁଣ୍ଡରେ ଏକ ପୋଲ କାର୍ଯ୍ୟ ଚାଲୁଥିବାରୁ ପାଣି ଲେବୁଲ କମାଇବା ପାଇଁ ଚେକ୍‌ଡ୍ୟାମ୍ ଖୋଲିବା ଆବଶ୍ୟକ ପଡିଲା ବୋଲି ସଫେଇ ଦେଇଥିଲେ।

## 'ଲତାଙ୍କ ବିୟୋଗରେ ସଙ୍ଗୀତ ଜଗତରେ ଅପୂରଣୀୟ କ୍ଷତି ହୋଇଛି'

କଟକ ଅଫିସ, ୮ା୨

ସ୍ୱର ସମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ବିୟୋଗରେ କେନ୍ଦ୍ର ସରକାର ଦୁଇଦିନିଆ ରାଷ୍ଟ୍ରୀୟ ଶୋକ ପାଳନ ପାଇଁ ଘୋଷଣା କରିଥିଲେ। ଏହି ଅବସରରେ କଟକ ଗଣ୍ଡରପୁରସ୍ଥିତ ଲଜପତ ରାୟ ଡିଏଭି ପବ୍ଲିକ୍ ସ୍କୁଲରେ ଶୋକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ସ୍ୱାଇଁଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟମାନେ ଲତାଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରିଥିଲେ। ଲତାଙ୍କ ବିୟୋଗରେ ସଙ୍ଗୀତ ଜଗତରେ ଅପୂରଣୀୟ କ୍ଷତି ହୋଇଛି ବୋଲି ଅଧକ୍ଷ ସ୍ୱାଇଁ କହିଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ତ୍ରିପାଠୀଙ୍କ ଅଧକ୍ଷତାରେ ଛାତ୍ରୀଛାତ୍ରମାନେ ଲତାଙ୍କ ଲୋକପ୍ରିୟ ସଙ୍ଗୀତ ଗାନ କରିଥିଲେ।



କଟକ କିଲ୍ଲାଖାଇସ୍ଥିତ ବୁଖାରୀବାବାଙ୍କ ବାର୍ଷିକ ଉର୍ସୁ ଉତ୍ସବରେ ସମବେତ ଶ୍ରଦ୍ଧାଳୁ।

## ମିଲର କିଣୁନାହାନ୍ତି ଧାନ

**ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ**

ବାଙ୍କୀ,୮ା୨(ସ୍ୱ.ପ୍ର.)

ବାଙ୍କୀ ବ୍ଲକ ବୈଦେଶ୍ୱର ମାଳିସାହି ସେବା ସମବାୟ ସମିତିରୁ ମିଲର ଧାନ କିଣୁ ନ ଥିବା ଅଭିଯୋଗ କରି ଚାଷୀମାନେ ମଙ୍ଗଳବାର ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପଶ୍ଚିମ ବାଙ୍କୀ କୃଷକ ମୋର୍ଚ୍ଚାର ସମ୍ପାଦକ ପ୍ରଦୀପ କୁମାର ପଟ୍ଟନାୟକ ଏବଂ ଆବାହକ ପ୍ରସନ୍ନ କୁମାର ରାଉତରାୟ ଏହାର ନେତୃତ୍ୱ ନେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଜାନୁୟାରୀ ୭ରୁ ଫେବୃୟାରୀ ୫ ମଧ୍ୟରେ ଏହି ସମିତିରେ ୩ହଜାର ୨ଶହ କୁଇଣ୍ଟାଲ ଧାନ ଉଠିବା କଥା। ଏନେଇ ଚାଷୀଙ୍କୁ ଟୋକନ ଦିଆଯାଇଛି। ଫେବୃୟାରୀ ଶେଷ ସୁଦ୍ଧା ଏହି ସମିତିରୁ ମୋଟ ୯ ହଜାର କୁଇଣ୍ଟାଲ ଖରିଫ ଧାନ ସଂଗ୍ରହ ପାଇଁ ସ୍ଥିର କରାଯାଇଛି। ଧାନ କିଣିବା ଦାୟିତ୍ୱ ୨ ମିଲରଙ୍କୁ ଦିଆଯାଇଛି। ତେବେ ଏପର୍ଯ୍ୟନ୍ତ ଗୋଟିଏ ମିଲର କେବଳ ୧୯୯ କୁଇଣ୍ଟାଲ ଧାନ ଉଠାଇଛି। ଅନ୍ୟ ମିଲରଙ୍କ ଏପର୍ଯ୍ୟନ୍ତ ଦେଖାନାହିଁ। ଏଭଳି ପରିସ୍ଥିତିରେ ଧାର୍ଯ୍ୟ ତାରିଖ ସୁଦ୍ଧା ଧାନ ନ ଉଠିଲେ ଚାଷୀମାନେ ଏହାକୁ ବିକ୍ରି କରିପାରିବେ ନାହିଁ ବୋଲି ଅଭିଯୋଗ କରିଛନ୍ତି। ନୂତନ ମିଲର ମାଳିକଙ୍କୁ ନିର୍ଦ୍ଦେଶ ଦିଆଗଲେ ମଣ୍ଡି ଖୋଲିବାର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## କ୍ରିକେଟ୍: ସେମିରେ ଚର୍ଚ୍ଚିକା କ୍ଲବ

ବାଙ୍କୀ,୮ା୨(ସ୍ୱ.ପ୍ର.)

ବାଙ୍କୀ ଏନ୍ଏସି ଅନ୍ତର୍ଗତ ବେଦପୁର ମା' ମଙ୍ଗଳା କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ପ୍ରତିଯୋଗିତାର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ବାଙ୍କୀର ମା'ଚର୍ଚ୍ଚିକା କ୍ରିକେଟ କ୍ଲବ ଓ କୁସୁପଙ୍ଗି କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ମା' ଚର୍ଚ୍ଚିକା ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। କୁସୁପଙ୍ଗି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୬ ରନ ସଂଗ୍ରହ କରିଥିଲା। ଜବାବରେ ମା'ଚର୍ଚ୍ଚିକା କ୍ରିକେଟ କ୍ଲବ ୧୯.୨ ଓଭରରେ ୬ ଉଇକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଛି । ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜଗଦୀଶ ପଣ୍ଡା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କୀର୍ତ୍ତିରଞ୍ଜନ ବେହେରା ଓ ଆଶିଷ ବେହେରା ମ୍ୟାଚ ପରିଚାଳନା କରିଥିଲେ। ବିଶାଳ ପଣ୍ଡା, ଚିନ୍ମୟ ପଣ୍ଡା , ବୁଦ୍ଧନ ବେହେରା, ସୁଜିତ୍ ବେହେରା, ସୁନିଲ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଯୁକ୍ତ୨ ପରୀକ୍ଷା ବାତିଲ ଦାବି

କଟକ ଅଫିସ, ୮ା୨

କୋଭିଡ ମହାମାରୀ ଯୋଗୁ ରାଜ୍ୟର କଲେଜଗୁଡିକ ବନ୍ଦ ରହିଥିଲା। ଏଥିଯୋଗୁ ଅଫ୍‌ଲାଇନ ପାଠପଢା ବନ୍ଦ କରାଯାଇ ଅନ୍‌ଲାଇନରେ ବ୍ୟବସ୍ଥା କରାଗଲା। ହେଲେ ଅଧିକାଂଶ ଛାତ୍ରୀଛାତ୍ରଙ୍କ ନିକଟରେ ଇଣ୍ଟରନେଟ୍ ସୁବିଧା ନ ଥିବାରୁ ସେମାନେ ପାଠପଢାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ କଲେଜରେ ଅଧ୍ୟାପକ ପଦବୀ ମଧ୍ୟ ଖାଲିପଡିଛି। ଫଳରେ ପାଠ୍ୟ ଖସଡା ମୁତାବକ କୋର୍ସ ସରିନାହିଁ ବୋଲି କଟକ ଜିଲା ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସଏଫ) ପକ୍ଷରୁ ଅଭିଯୋଗ କରାଯାଇଛି। ଯୁକ୍ତ୨ ପରୀକ୍ଷା ବାତିଲ କରିବାକୁ ସଂଘ ପକ୍ଷରୁ ଜିଲାପାଳଙ୍କ ମାଧ୍ୟମରେ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ଏଥିସହ ପାଠ୍ୟ ଖସଡା ମୁତାବକ କୋର୍ସ ସାରି ପରୀକ୍ଷା କରିବା, ନଚେତ ତିନୋଟି ଇଣ୍ଟରନାଲ ପରୀକ୍ଷାରୁ ମାର୍କ ଦିଆଯାଇ ରେଜଲ୍ଟ ପ୍ରକାଶ କରିବାକୁ ଦାବି କରାଯାଇଛି। ସମସ୍ୟା ପ୍ରତି ରାଜ୍ୟ ସରକାର ଧ୍ୟାନ ନ ଦେଲେ ଆଗାମୀ ଦିନରେ ରାଜ୍ୟସ୍ତରରେ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଛାତ୍ରନେତା ହିତେଷ ମହାନ୍ତିଙ୍କ ନେତୃତ୍ୱରେ ଅବିନାଶ ରଥ, ଦେବାଶିଷ ସେଠୀ, ବର୍ଷା ଦାସ, ଆଇସା ସିଦିକ୍ ରହମନ ପ୍ରମୁଖ ଏଡିଏମ୍ ବିଜୟ କୁମାର ଖଣ୍ଡାୟତରାୟଙ୍କୁ ଭେଟି ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

## ଆମ ସାହି ପାଠାଗାର ଉଦ୍‌ଘାଟିତ



ଖାନ୍‌ନଗରରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ପାଠାଗାରକୁ ଉଦ୍‌ଘାଟନ କରୁଛନ୍ତି।

କଟକ ଅଫିସ,୮ା୨

କଟକ ଖାନ୍‌ନଗର ଓ ଯୋବ୍ରାଠାରେ ମଙ୍ଗଳବାର ଆମସାହି ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, ସବୁ ବର୍ଗର ଲୋକଙ୍କ ପାଇଁ ଏହି ପାଠାଗାରରେ ପୁସ୍ତକ ରଖାଯାଇଛି। ଏହି ପୁସ୍ତକ ଜ୍ଞାନ ଅର୍ଜନରେ ସହାୟକ ହେବ। ଇଚ୍ଛୁକ ପାଠକମାନେ ଏଠାକୁ ଆସି ପଢିପାରିବେ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଡିସିପି ପ୍ରତୀକ୍ ସିଂ, ଏସିପି ଅମରେନ୍ଦ୍ର ପଣ୍ଡା, ବାଦାମବାଡି ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର, ପୂଜା କମିଟି ସଭାପତି ସୁବାସ ଚନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତଥିଲେ।

## ପଞ୍ଚାୟତ ନିର୍ବାଚନ ପୂର୍ବରୁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଟିଗିରିଆ,୮ା୨(ଡି.ଏନ୍.ଏ. )

ଟିଗିରିଆ ବ୍ଲକରେ ୨୦ ତାରିଖରେ ପଞ୍ଚାୟତ ନିର୍ବାଚନ ପାଇଁ ମତଦାନ ହେବାକୁ ଥିବାବେଳେ ମଙ୍ଗଳବାର ପୋଲିସ ତରଫରୁ ଉତ୍ତେଜନା ପ୍ରବଣ ଓ ଅତି ଉତ୍ତେଜନା ପ୍ରବଣ ବୁଥ୍‌ଗୁଡ଼ିକରେ ଫୋର୍ସ ସହ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଆଠଗଡ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ବିଶିଙ୍କ ନେତୃତ୍ୱରେ ୨ ପ୍ଲାଟୁନ ଫୋର୍ସ, ୪ ଜଣ ଅଫିସର ଓ ୨୦ ଜଣ ହୋମଗାର୍ଡ ଏଥିରେ ସାମିଲ ହୋଇଥିଲେ। ଏହି ସମୟରେ ଟିଗିରିଆ ଆଇଆଇସି ସୁଚିତ୍ରା ଜେନା, ଏଏସ୍ଆଇ ଅମର ପ୍ରଧାନ, ସନ୍ତୋଷ ପ୍ରଧାନ, ତହସିଲଦାର ପ୍ରମୋଦ କୁମାର ବାସ୍କେ ପ୍ରମୁଖ ଉପସ୍ଥିତ ଥିଲେ।

## ଆଲୋକୀକରଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

**ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ**

**■ମରାମତି ନ ହେଲେ ଭୋଟ୍ ବର୍ଜନ ଚେତାବନୀ**

ବାଙ୍କୀ,୮ା୨(ସ୍ୱ.ପ୍ର.)

ବାଙ୍କୀ ବ୍ଲକ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତର ସୁବର୍ଣ୍ଣପୁର ଗ୍ରାମରେ ଆଲୋକୀକରଣ ବ୍ୟବସ୍ଥା ନିମ୍ନମାନର ହୋଇଥିବା ଅଭିଯୋଗ କରି ବିଡିଓ ପ୍ରଦୀପ୍ତ ଶତପଥୀଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଏହାର ନକଲ କଟକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କରଙ୍କୁ ପ୍ରଦାନ କରାଯାଇଛି। ତୁରନ୍ତ ଏହାର ମରାମତି ନ ହେଲେ ଭୋଟ ବର୍ଜନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୧ନଂ. ୱାର୍ଡର ମୁଖ୍ୟରାସ୍ତାରୁ ବଡ଼ଦାଣ୍ଡ ପର୍ଯ୍ୟନ୍ତ, ମାଳିସାହି ମୁଖ୍ୟ ରାସ୍ତାରେ ଲଗାଯାଇଥିବା ଲାଇଟ୍‌ଗୁଡ଼ିକ ଖରାପ ହୋଇଯାଇଛି। ସେହିପରି ୨ନଂ. ୱାର୍ଡର କୈବର୍ତ୍ତ ସାହି ମୁଖ୍ୟରାସ୍ତାରେ ଲଗାଯାଇଥିବା ଲାଇଟ୍‌ଗୁଡିକ ଜଳୁନାହିଁ। ପଞ୍ଚାୟତ ପକ୍ଷରୁ ଠିକାଦାରଙ୍କ ଦ୍ୱାରା ଏସବୁ କାର୍ଯ୍ୟ ହୋଇଛି। ଲାଇଟ୍‌ଗୁଡ଼ିକୁ ମରାମତି ପାଇଁ ପଞ୍ଚାୟତ ସରପଞ୍ଚଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଜନସାଧାରଣ ଅନ୍ଧାରରେ ଯାତାୟାତ କରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୁଭେନ୍ଦୁ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବିଷ୍ଣୁ ପ୍ରସାଦ ପଣ୍ଡା, ବିଜୟ କୁମାର ପୃଷ୍ଟି, ବିଜୟ କୁମାର ଖଟୁଆ, ଘନଶ୍ୟାମ ରଣା, ସୁଶାନ୍ତ କୁମାର ରଣା, ମହେଶ୍ୱର ରଣା ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ବିଡିଓ ଶତପଥୀ କହିଛନ୍ତି, ତୁରନ୍ତ ଏନେଇ ପଦକ୍ଷେପ ନିଆଯିବ।

LIC HFL
LIC HOUSING FINANCE LTD

ଏଲ୍ଆଇସି ହାଉସିଂ ଫାଇନାନ୍ସ ଲିଃ.
ଇପିକଲ ହାଉସ୍, ୬ଷ୍ଠ ମହଲା, ଆନେକ୍ସ ବିଲ୍ଡିଂ, ଜନପଥ, ଭୁବନେଶ୍ୱର - ୭୫୧୦୨୨

ପରିଶିଷ୍ଟ-୪ [ରୁଲ୍- ୮(୧)]
**ଦଖଲ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **ଏଲ୍ଆଇସି ହାଉସିଂ ଫାଇନାନ୍ସ ଲିଃ.**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ଆକ୍ଟ, ୨୦୦୨ ର ନିୟମ ୯ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର(ମାନ)ଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଡ଼ିମାଣ୍ଡ ନୋଟିସ୍‌ରେ ଦର୍ଶିତ ଅର୍ଥ ରାଶି ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା(ମାନେ) ତାଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍‌ର ରୁଲ୍ ୯ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନ ଦର୍ଶିତ ତାରିଖରେ ଦଖଲକୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ସେ ବାବଦ ସୁଧ ନିମନ୍ତେ **ଏଲ୍ଆଇସି ହାଉସିଂ ଫାଇନାନ୍ସ ଲିଃ.** ନିକଟରେ ଉତ୍ତରଦାୟୀ ରହିବେ।

| ଋଣଗ୍ରହୀତା/ସହ-ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ ଜାମିନ୍‌ଦାର(ମାନ)ଙ୍କ ନାମ ଓ ଠିକଣା/ ଆକାଉଣ୍ଟ ନଂ. | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ବକେୟା ଦେୟ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ନିତ୍ୟାନନ୍ଦ ମହାନ୍ତି (ପ୍ରାଇମେରୀ ଆପ୍ଲିକାଣ୍ଟ), ଗ୍ରାମ: ମୁଣ୍ଡମାଳ, ଯାଜପୁର ରୋଡ୍, ଯାଜପୁର, ଓଡ଼ିଶା-୭୫୮୦୫୨ / ଋଣ ଆକାଉଣ୍ଟ ନଂ.: ୨୧୧୬୦୦୦୦୧୨୮୫ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୩୪, ମୌଜା: ହସନପୁର, ଖାତା ନଂ.: ୪୫, ତହସିଲ: ଯାଜପୁର, ଗ୍ରାମ: ଖୋସାଲପୁର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୮୦୫୨, ଭାରତ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୩୫/୨୦୫୯, ପଶ୍ଚିମ: ରାଧାଶ୍ୟାମ ଭୂୟାଁ, ମଦନ ଭୂୟାଁ, ଉତ୍ତର: ଗୋକୁଳାନନ୍ଦ ମହାନ୍ତି, କିଶୋର ମହାନ୍ତି, ଜୟ ଚନ୍ଦ୍ର ମହାନ୍ତି, ଦକ୍ଷିଣ: ସରକାରୀ ରାସ୍ତା | ୨୧.୦୭.୨୦୨୧ / ୦୪.୦୨.୨୦୨୨ | ଟ.୪୦,୧୬,୩୧୭.୨୪ + ସେ ବାବଦ ସୁଧ |

ତାରିଖ : ୦୮.୦୨.୨୦୨୨, ସ୍ଥାନ: ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, ଏଲ୍ଆଇସି ହାଉସିଂ ଫାଇନାନ୍ସ ଲିଃ. ଭୁବନେଶ୍ୱର